# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 11, ISSUE NO. - 11, DATE : 01.08.2024 - 15.08.2024 FORTNIGHTLY (ODIA), BHUBANESWAR. PAGES-08


## ସର୍ବହରା ସଂସ୍କୃତିଗତ ମାନ ଆୟତ୍ତ ବ୍ୟତିରେକେ ବିପ୍ଲବୀ ତତ୍ତ୍ୱ ବିଚାରର କ୍ଷମତା ସଠିକ୍ ଭାବରେ ଅର୍ଜନ କରିବା ସମ୍ଭବ ନୁହେଁ

*[ ୫ଅଗଷ୍ଟ, ସର୍ବହରା ଶ୍ରେଣୀର ମହାନ ନେତା, ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ ତଥା ଆମର ପ୍ରିୟ ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରତିଷ୍ଠାତା ସାଧାରଣ ସଂପାଦକ କମ୍ରେଡ୍ ଶିବଦାସ ଘୋଷଙ୍କ ୪୮ତମ ମୃତ୍ୟୁ ବାର୍ଷିକୀ। ଏହି ଉପଲକ୍ଷେ ତାଙ୍କ ଦ୍ୱାରା ରଚିତ "ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କାହିଁକି ଭାରତବର୍ଷର ଏକମାତ୍ର ସାମ୍ୟବାଦୀ ଦଳ" ପୁସ୍ତିକାର ଏକ ଅଂଶ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରାଯାଇଛି। ସଂପାଦକ- ସର୍ବହରା କ୍ରାନ୍ତି ]*



x x x ଦଳ ବିଚାର କ୍ଷେତ୍ରରେ ଏହି ଦିଗକୁ ଆମ ଦେଶରେ ଅନେକ ହିଁ ଲକ୍ଷ୍ୟ କରନ୍ତି ନାହିଁ, ପୁଣି ଯେଉଁମାନେ କରନ୍ତି, ସେମାନେ ମଧ୍ୟ ଏହାକୁ ଅନେକଟା ନଗଣ୍ୟଭାବରେ ଦେଖନ୍ତି। ଅଥଚ ଦଳ ବିଚାର ଓ ବିପ୍ଳବୀ ତତ୍ତ୍ୱ ବିଚାର କ୍ଷେତ୍ରରେ ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। କାରଣ ଯେଉଁ କମ୍ୟୁନିଷ୍ଟ ପାର୍ଟି ବିପ୍ଳବ କରିବ, ତାହା ଯଦି ନିମ୍ନତମ ସଂସ୍କୃତିର ଶୀକାର ହୁଏ, ତାହାହେଲେ ତା'ଦ୍ୱାରା କୌଣସି ଦିନ ହିଁ ବିପ୍ଳବ ହୋଇ ପାରେ ନାହିଁ। ମାର୍କ୍ସ ଗୋଟିଏ କଥା କହିଛନ୍ତି, "To change the world workers will have to change themselves first," ଅର୍ଥାତ୍ ଶ୍ରମିକମାନେ ଏକମାତ୍ର ସେତେବେଳେ ହିଁ ଦୁନିଆକୁ ପରିବର୍ତ୍ତନ କରି ପାରନ୍ତି, ଯେତେବେଳେ ସେମାନେ ନିଜର ଜୀବନକୁ ପରିବର୍ତ୍ତନ କରିବାକୁ ସକ୍ଷମ ହେବେ। ଏହି କଥାର ଅର୍ଥ ହେଉଛି, ଶ୍ରମିକମାନେ ଚାହାଁନ୍ତି ବୋଲି ବା କେତେକ ବିପ୍ଳବୀ କଥା କହିବା ଶିଖିଲେ ହିଁ ଦୁନିଆର ପରିବର୍ତ୍ତନ ଆଣିପାରିବେ

ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ବଜେଟ୍ ଅଭିଭାଷଣ ଉପରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟିର ତତ୍କାଳ ପ୍ରତିକ୍ରିୟା

*୨୦୨୪ଜୁଲାଇ ୨୩ତାରିଖରେ ସଂସଦରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ବଜେଟ୍ ଅଭିଭାଷଣ ଉପରେ ତତ୍କାଳ ପ୍ରତିକ୍ରିୟା ପ୍ରକାଶ କରି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟିର ସାଧାରଣ ସଂପାଦକ କମ୍ରେଡ ପ୍ରଭାସ ଘୋଷ ନିମ୍ନୋକ୍ତ ବିବୃତ୍ତି ଜାରୀ କରିଛନ୍ତି। -*

ପୂର୍ବରୁ କେନ୍ଦ୍ର ବିଜେପି ସରକାର ଦେଶର ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ଏବଂ ଏହି ସରକାରଦ୍ୱାରା ଘୋଷିତ ସମସ୍ତ ନୀତିଗତ ନିଷ୍ପତ୍ତି ଉପରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ଅର୍ଥ ମନ୍ତ୍ରୀ ଅତ୍ୟନ୍ତ ସଚେତନ ଭାବରେ ନିବୃତ୍ତ ରହି ବିଗତ ବର୍ଷମାନଙ୍କର ବିଭିନ୍ନ କ୍ଷେତ୍ରରେ ସରକାରଙ୍କର କାର୍ଯ୍ୟକଳାପ ସଂପର୍କରେ ଦେଶର ଜନସାଧାରଣଙ୍କୁ ଅନ୍ଧାରରେ ରଖିଛନ୍ତି। ଏହାଫଳରେ ଜନସାଧାରଣଙ୍କ ଜୀବନକୁ ଦୁର୍ବିସହ କରୁଥିବା କ୍ରମବର୍ଦ୍ଧମାନ ଦୁର୍ଦ୍ଦଶା, ଆର୍ଥିକ ଦୁରାବସ୍ଥା, ରୋଜଗାର ହ୍ରାସ, ଉତ୍କଟ ବେକାରୀ, ଛଟେଇ ପ୍ରଭୃତି ପାଇଁ ଦେଶର ଜନସାଧାରଣଙ୍କ ନିକଟରେ ଉତ୍ତର ଦାୟିତ୍ୱକୁ ସରକାର ଅସ୍ୱୀକାର କରିଛନ୍ତି। ଖାଦ୍ୟଦ୍ରବ୍ୟ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ସଂପର୍କରେ କୌଣସି ସୂଚନା ଦେଇନଥିବା ଅର୍ଥମନ୍ତ୍ରୀ ଅତ୍ୟନ୍ତ ସ୍ୱବିରୋଧୀ ଭାବରେ ମୁଦ୍ରାସ୍ଫିତି ନିୟନ୍ତ୍ରଣରେ ରହିଛି ବୋଲି ଦାବି କରିଛନ୍ତି। ଏହାର ଠିକ୍ ବିପରୀତରେ 'ବ୍ୟବସାୟ କରିବା କ୍ଷେତ୍ରରେ ଅଧିକ ସୁବିଧା'(Ease of Doing Business) ଦେବା ଆଳରେ ନାନା ଧରଣର କର ଟିକସ ରିହାତି ଜରିଆରେ କର୍ପୋରେଟ୍ ହାଉସମାନଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଆର୍ଥିକ ସୁବିଧା ସୁଯୋଗରୁ ବଜେଟ୍‌ର କର୍ପୋରେଟ ସେବାକାରୀ ଝୁଙ୍କ୍ ସ୍ପଷ୍ଟ ହୋଇଯାଉଛି। ଦକ୍ଷତା ବିକାଶର ସେହି ଚିରାଚରିତ ବର୍ଣ୍ଣନା, ସ୍ଥାୟୀ ନିଯୁକ୍ତିର କୌଣସି ଗ୍ୟାରେଣ୍ଟି ବିନା କମ୍ପାନୀ ମାନଙ୍କରେ ଗୋଟିଏ ବର୍ଷପାଇଁ ମାସିକ ମାମୁଲି ୫ହଜାର ଟଙ୍କାରେ ଶିକ୍ଷାନବିଶ (Internship) ଭାବରେ କାମକରିବା ଭଳି ଘୋଷଣାକରି ନୂତନ ନିଯୁକ୍ତି ସୃଷ୍ଟି ପ୍ରସଙ୍ଗକୁ ସରକାର ଅତ୍ୟନ୍ତ ଉପରଠାଉରିଆ ଭାବରେ ଦେଖୁଛନ୍ତି ବୋଲି ଅର୍ଥମନ୍ତ୍ରୀ ପ୍ରମାଣିତ କରିଛନ୍ତି। ବାଇଶଟି ଚିହ୍ନିତ ଫସଲର ଉତ୍ପାଦନ ଖର୍ଚ୍ଚ ଉପରେ ଶତକଡା ୫୦ରୁ ଅଧିକ ହାରରେ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି ବୋଲି ଅର୍ଥମନ୍ତ୍ରୀ ଦାବି କରିଛନ୍ତି। ମାତ୍ର ଅର୍ଥମନ୍ତ୍ରୀ ଏହା ପ୍ରକାଶ କରିନାହାନ୍ତି ଯେ, ଚାଷୀମାନେ ଦାବି କରିଆସୁଥିବା $C_2$+ 50% ଫର୍ମୁଲାକୁ ଭିତ୍ତିକରି ଏହି ଏମ୍‌ଏସ୍‌ପି ନିର୍ଦ୍ଧାରଣ କରାଯାଇନାହିଁ ବରଂ ଘୋଷିତ ଏମ୍‌ଏସ୍‌ପି ଏହାଠାରୁ ଯଥେଷ୍ଟ କମ୍।

ବଜେଟ ନାଁରେ କରାଯାଉଥିବା ଏହି ଧରଣର ପ୍ରହସନକୁ ଆମେ ତୀବ୍ର ନିନ୍ଦା କରୁଛୁ ଏବଂ କେନ୍ଦ୍ର ସରକାରଙ୍କର ଏହି ଧରଣର ଖୋଲାଖୋଲି କର୍ପୋରେଟ ତୋଷଣକାରୀ ଆର୍ଥିକ ନୀତି ପ୍ରତିବାଦରେ ଐକ୍ୟବଦ୍ଧ ଆନ୍ଦୋଳନ ଗଢିତୋଳିବାପାଇଁ ଦେଶର ମେହେନତୀ ଜନସାଧାରଣଙ୍କୁ ଆହ୍ୱାନ ଦେଉଛୁ।

## ଦରଦାମ ବୃଦ୍ଧି ବନ୍ଦ, ମଦ-ମାଦକ ଦ୍ରବ୍ୟ ସଂପୂର୍ଣ୍ଣ ନିଷିଦ୍ଧ ଆଦି ଦାବିରେ ବିଧାନସଭା ସମ୍ମୁଖରେ

# ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଗଣ ବିକ୍ଷୋଭ




ରାଜ୍ୟର ଜନସାଧାରଣଙ୍କୁ ବହୁ ସ୍ୱପ୍ନ ଦେଖାଇ, ମନଲୋଭା ପ୍ରତିଶ୍ରୁତି ଦେଇ ବହୁ ଆଡମ୍ବରରେ ପ୍ରତିଷ୍ଠିତ ନୂତନ ବିଜେପି ସରକାରଙ୍କ ପ୍ରଥମ ବିଧାନସଭା ଅଧିବେଶନ ଚାଲୁଥିଲା। ବାହାରେ ଲଗାଣ ବର୍ଷା, ତାହାରି ମଧ୍ୟରେ ଶୋଷିତ ମଣିଷର ସାହା ଭରସାର ଏକମାତ୍ର ବିପ୍ଳବୀ ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ଆହ୍ୱାନରେ ଜନଜୀବନର ଜ୍ୱଳନ୍ତ ସମସ୍ୟା ସମାଧାନ ଦାବିରେ ରାଜ୍ୟ ବିଧାନସଭା ସମ୍ମୁଖରେ ରାଜ୍ୟ ସ୍ତରୀୟ ଗଣ ବିକ୍ଷୋଭ ଅନୁଷ୍ଠିତ ହେଲା। ରାଜ୍ୟର ବିଭିନ୍ନ ଅଂଚଳରୁ ଶହ ଶହ ସଂଖ୍ୟାରେ ଚାଷୀ, ମୂଲିଆ, ମହିଳା, ଛାତ୍ର, ଯୁବକ, ଶ୍ରମିକ, ପାଚିକା ସହାୟିକା, କର୍ମଚାରୀଙ୍କ ସମେତ ବିଭିନ୍ନ ଅଂଶର ଶ୍ରମଜୀବୀ ମଣିଷ ଦିନ ୧୨ଟା ସମୟରେ ମେଘୁଆ ପାଗ ଓ ଝିପିଝିପି ବର୍ଷାକୁ ଖାତିର ନକରି ଏକ ସୁସଜ୍ଜିତ ପଟୁଆରରେ ରାଜମହଲ ଛକରୁ ବାହାରି ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରୁ ୧୪ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଓ ୧୧ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

ଆକାଶଛୁଆଁ ଦରବୃଦ୍ଧି ରୋକିବା, ମଦ-ମାଦକ ଦ୍ରବ୍ୟ ସଂପୂର୍ଣ୍ଣ ନିଷିଦ୍ଧ କରିବା, ସରକାରୀ ଜମିରୁ ଭୂମିହୀନ ଲୋକ,

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଉତ୍କଟ ଦାରିଦ୍ର୍ୟ ଓ ବିପୁଳ ବୈଭବର ସହବସ୍ଥାନ ହେଉଛି ପୁଞ୍ଜିବାଦର ବୈଶିଷ୍ଟ୍ୟ

ଦେଶରେ ସ୍ଥାୟୀ ଉନ୍ନୟନ (Sustainable Development)ର ଅଗ୍ରଗତି ସଂପର୍କରେ ୨୦୨୩ର ରିପୋର୍ଟ ପ୍ରକାଶ କରିବାକୁ ଯାଇ ମୋଦି ସରକାରଙ୍କ ନୀତି ଆୟୋଗର ସିଇଓ ବିଆର ସୁବ୍ରମଣ୍ୟମ୍ କହିଛନ୍ତି ଯେ, ଦେଶର ଆର୍ଥିକ ଅସମାନତା ବର୍ତ୍ତମାନ ଉଦ୍‌ବେଗର କାରଣ।

ସୁବ୍ରମଣ୍ୟମ୍‌ଙ୍କ ଏହି ବକ୍ତବ୍ୟ ସ୍ୱାଭାବିକ ଭାବେ ହିଁ ଗୋଟିଏ ପ୍ରଶ୍ନ ସୃଷ୍ଟି କରେ ଯେ, ନୀତି ଆୟୋଗ କ'ଣ ଏହି ଅସାମ୍ୟ ଦୂରୀକରଣ ପାଇଁ ସରକାରଙ୍କୁ କୌଣସି ପ୍ରସ୍ତାବ ଦେଇଛନ୍ତି? ନା, ଦୂରୀକରଣ ପାଇଁ ସେମିତି କୌଣସି ନିଦାନ ରିପୋର୍ଟରେ ପ୍ରକାଶ ପାଇନାହିଁ। ତା'ହେଲେ ନୀତି ଆୟୋଗର କାମ କ'ଣ?

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

### ଭିତର ପୃଷ୍ଠାରେ


- ★ କେନିଆର ଲଢୁଆ ଜନସାଧାରଣଙ୍କୁ ସଂଗ୍ରାମୀ ଅଭିନନ୍ଦନ
- ★ ଦେଶରେ ଟିବି ରୋଗର ଔଷଧ ଅଭାବ : ରୋଗୀ ଭୟାବହ ପରିସ୍ଥିତିର ସମ୍ମୁଖୀନ
- ★ ବିଜେପି ଦଳର ନିର୍ବାଚନୀ ପ୍ରତିଶ୍ରୁତି ଓ ରାଜ୍ୟ ବଜେଟ୍
- ★ ଆଦାନୀ ଦୁର୍ନୀତିର ନୂଆ ଫର୍ଦ୍ଦ - କୋଇଲା ଘୋଟାଲା

## *ସର୍ବହରା ସଂସ୍କୃତିଗତ . . .*

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ନାହିଁ। ଯେଉଁ ଶ୍ରମିକମାନେ ଦୁନିଆକୁ ପରିବର୍ତ୍ତନ କରିବେ, ଆଗେ ସେମାନଙ୍କୁ ନିଜ ଜୀବନକୁ ପରିବର୍ତ୍ତନ କରିବାକୁ ହେବ। ମାର୍କ୍ସ ଏକଥା କାହିଁକି କହିଥିଲେ। ମାର୍କ୍ସଙ୍କର ଏହା କହିବା କ'ଣ ପ୍ରୟୋଜନ ଥିଲା ? ମାର୍କ୍ସ ତ କହି ପାରିଥାନ୍ତେ ଯେ ଶ୍ରମିକମାନେ ସେମାନଙ୍କର ବିଦ୍ୟାବୁଦ୍ଧିଗତ କ୍ଷମତାଦ୍ୱାରା, ଅଥବା ଦୈନନ୍ଦିନ ସଂଗ୍ରାମଗୁଡିକରୁ ଅଭିଜ୍ଞତା ଅର୍ଜନ କରି ଯଦି କେବେ କେତେକ ବିପ୍ଳବୀ ସ୍ଲୋଗାନ ଓ ତତ୍ତ୍ୱ କଥା କହିପାରନ୍ତି, ତାହାହେଲେ ହିଁ ସେମାନେ ବିପ୍ଳବକୁ କାର୍ଯ୍ୟକାରୀ ଭାବରେ ରୂପ ଦେଇପାରିବେ। ନା, ତାହା କେବେହେଲେ ସମ୍ଭବ ନୁହେଁ। କାରଣ ଉନ୍ନତତର ସାଂସ୍କୃତିକ ମାନ ଅର୍ଥାତ୍ ସର୍ବହରା ସାଂସ୍କୃତିକ ମାନ ଆୟତ୍ତ କରିବା ବ୍ୟତିରେକେ ବିପ୍ଳବୀ ତତ୍ତ୍ୱ ବିଚାର କରିବାର କ୍ଷମତା ସଠିକ୍ ଭାବରେ ଅର୍ଜନ କରାଯାଇପାରିବ ନାହିଁ ଏବଂ ବିପ୍ଳବୀ ତତ୍ତ୍ୱ ମଧ୍ୟ ଯଥାର୍ଥଭାବେ ଉପଲବ୍ଧି କରାଯାଇପାରିବ ନାହିଁ। ଏହି କାରଣରୁ ହିଁ ବିପ୍ଳବୀ ରାଜନୀତିକୁ କାର୍ଯ୍ୟକାରୀ ଭାବରେ ରୂପଦେବା ମାନେ ହେଉଛି, ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିପ୍ଳବ ମଧ୍ୟରେ ଜଡିତ କରି ବାସ୍ତବ ଜୀବନକୁ ପରିବର୍ତ୍ତନ କରିବା। ପୁଣି ଏଇଥିପାଇଁ ଦରକାର, ପ୍ରତିଟି ବିପ୍ଳବ ପୂର୍ବରୁ ତାର ପ୍ରୟୋଜନୀୟ ସାଂସ୍କୃତିକ ବିପ୍ଳବ। ଅଥଚ ଯେଉଁମାନେ ଏହି ସାଂସ୍କୃତିକ କ୍ଷେତ୍ରରେ ବିପ୍ଳବ ଆଣିବେ, ଦଳର ସେହି ନେତା ଓ କର୍ମୀମାନେ ସମସ୍ତେ ନିଜେ ଯଦି ସେମାନଙ୍କ ବ୍ୟକ୍ତିଗତ ଅଭ୍ୟାସ, ରୁଚି, ଦୃଷ୍ଟିଭଙ୍ଗୀ ଓ ଆଚରଣରେ ବୁର୍ଜୁଆ ସଂସ୍କୃତିର ଶୀକାର ହୋଇଥାଆନ୍ତି, ତା ହେଲେ ସେମାନେ କୌଣସି ଦିନ ଏହା ଆଣିପାରିବେ ନାହିଁ; ଏବଂ ଏହି ଦିଗରେ ଆମ ଦେଶର କମ୍ୟୁନିଷ୍ଟ ପାର୍ଟି ନାମଧାରୀ ଦଳମାନେ ବାହାରର ଆନ୍ଦୋଳନ କ୍ଷେତ୍ରରେ ତ ନିଶ୍ଚୟ, ଏପରିକି ଦଳର ଆଭ୍ୟନ୍ତରୀଣ ସଂଗ୍ରାମ କ୍ଷେତ୍ରରେ ମଧ୍ୟ କର୍ମୀମାନଙ୍କର ବିଶେଷକରି ନେତାମାନଙ୍କ ଜୀବନଯାତ୍ରା ଏବଂ ଦୃଷ୍ଟିଭଙ୍ଗୀ ବଦଳାଇବା ଓ ଉନ୍ନତତର ସାଂସ୍କୃତିକ ମାନ ଗଢି ତୋଳିବା କ୍ଷେତ୍ରରେ ବିନ୍ଦୁମାତ୍ର ନଜର ଦିଅନ୍ତି ନାହିଁ। ଏହିଭାବରେ ସେମାନେ କେବଳ ଦେଶର ଜନତାକୁ ଠକି ନାହାନ୍ତି – ଯେଉଁ ସାଧାରଣ, ସତ୍ ଓ ସରଳ କର୍ମୀମାନଙ୍କର ଆତ୍ମତ୍ୟାଗର ବିନିମୟରେ ସେମାନେ ବଡ ବଡ ହାକିମ ହୁକୁମା, ମନ୍ତ୍ରୀ ହୋଇ ବସିଛନ୍ତି, ସେମାନଙ୍କୁ ବି ଠକିଛନ୍ତି। ଏହା ମୋତେ ଦୁଃଖର ସହିତ କହିବାକୁ ପଡୁଛି।

ମୁଁ ଆଗରୁ ହିଁ କହିଛି, ଶ୍ରମିକଶ୍ରେଣୀର ବିପ୍ଳବୀ ଦଳ ହେଉଛି, ଶ୍ରମିକଶ୍ରେଣୀର ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ – ଗୋଟିଏ କଥାରେ କହିଲେ ତାର ସମସ୍ତ ଶ୍ରେଣୀ ଆକାଂକ୍ଷା ପୂରଣର ହତିଆର। ଲେନିନ୍ କହିଛନ୍ତି, "It is the vanguard detachment of the proletariat" ଅର୍ଥାତ୍ ଏହା ହେଉଛି ଶ୍ରମିକଶ୍ରେଣୀର ସବୁଠାରୁ ସଚେତନ ବା ବିପ୍ଳବୀ ଅଂଶର ସଂଗଠନ, ଶ୍ରମିକଶ୍ରେଣୀର ଅଗ୍ରଣୀ ବାହିନୀ। ସେଥିପାଇଁ ଶ୍ରମିକଶ୍ରେଣୀର ବିପ୍ଳବୀ ଦଳର ନେତାମାନେ ହେଉଛନ୍ତି ସର୍ବହରା ସଂସ୍କୃତିର ପ୍ରାଣବସ୍ତୁ। ସେମାନେ ତ ସେମାନଙ୍କ ଆଚାର ଆଚରଣ, ଜୀବନଯାତ୍ରା ପରିଚାଳନା କ୍ଷେତ୍ରରେ (ତାହା ବ୍ୟକ୍ତିଗତ ଜୀବନରେ ହେଉ କିମ୍ବା କୌଣସି ସାମାଜିକ ଆନ୍ଦୋଳନ ପରିଚାଳନା କ୍ଷେତ୍ରରେ ହେଉ) ସର୍ବହରା ଶ୍ରେଣୀ ଦୃଷ୍ଟିଭଙ୍ଗୀ ଏବଂ ସଂସ୍କୃତିକୁ ପ୍ରତିଫଳିତ କରିବେ। ଏହି ସର୍ବହରା ଶ୍ରେଣୀ ସଂସ୍କୃତିର ମୂଳକଥା କଣ ? ଏହାର ମୂଳକଥା ହେଉଛି, ଏହି ସଂସ୍କୃତିକୁ ଯିଏ ଆୟତ୍ତ କରିଛି, ସେ ସମସ୍ତ ପ୍ରକାର ସମ୍ପତ୍ତିବୋଧରୁ ମୁକ୍ତ, ଏହି ସମ୍ପତ୍ତିବୋଧ କହିଲେ ତାର ସଂସ୍କୃତିଗତ, ରୁଚିଗତ ଧାରଣା ଓ ପ୍ରାତ୍ୟହିକ ଆଚରଣ ବ୍ୟକ୍ତିଗତ ସମ୍ପତ୍ତିବୋଧର ମାନସିକ ଜଟିଳତାରୁ ମୁକ୍ତ ଅର୍ଥାତ୍ ବ୍ୟକ୍ତିଗତ ସମ୍ପତ୍ତିଭିତ୍ତିକ ମାନସିକ ଗଠନ (private property mental complex)ରୁ ମୁକ୍ତ ଅର୍ଥାତ୍ ବୁର୍ଜୁଆ ବ୍ୟକ୍ତିକେନ୍ଦ୍ରିକ ଚିନ୍ତା ପଦ୍ଧତିର ପ୍ରଭାବରୁ ମୁକ୍ତ। କମ୍ୟୁନିଷ୍ଟ ସଂସ୍କୃତି ବୁଝାଇବାକୁ ଯାଇ ମାର୍କ୍ସ କହିଛନ୍ତି, It is Humanism minus private property (ବ୍ୟକ୍ତିଗତ ସମ୍ପତ୍ତିବୋଧରୁ ମୁକ୍ତ ମାନବତାବାଦ)। ତେଣୁ କୌଣସି ଜଣେ ବ୍ୟକ୍ତି ପକ୍ଷରେ ସର୍ବହରା ବିପ୍ଳବୀ ବା କମ୍ୟୁନିଷ୍ଟ ହେବାର ମୂଳ ସଂଗ୍ରାମଟି ହେଉଛି, ସର୍ବପ୍ରଥମେ ଶୋଷିତ ମଣିଷର ବିପ୍ଳବୀ ଆନ୍ଦୋଳନଗୁଡିକ ସହ ପ୍ରତ୍ୟକ୍ଷ ଭାବରେ ଯୁକ୍ତ ରହି ସର୍ବହରା ବିପ୍ଳବୀ ରାଜନୀତି ଆୟତ୍ତ କରିବା ସଙ୍ଗେ ସଙ୍ଗେ ଏହି ସଂସ୍କୃତିଗତ ଓ ରୁଚିଗତ ମାନ ଅର୍ଜନ କରିବା ପାଇଁ ଶ୍ରମିକଶ୍ରେଣୀ ସ୍ୱାର୍ଥରେ, ବିପ୍ଳବ ସ୍ୱାର୍ଥରେ ଏବଂ ବିପ୍ଳବୀ ଦଳ ସ୍ୱାର୍ଥରେ, ବିପ୍ଳବୀ ଦଳ ପାଖରେ ବ୍ୟକ୍ତିସତ୍ତା ଓ ବ୍ୟକ୍ତି ସ୍ୱାର୍ଥକୁ ନିଃସଂଶୟରେ, ଦ୍ୱିଧାହୀନ ଚିତ୍ତରେ ଆନନ୍ଦର ସହିତ ବିସର୍ଜନ ଦେଇ ପାରିବାର ସଂଗ୍ରାମ। ଏଠି ସର୍ବଦା ବ୍ୟକ୍ତିସ୍ୱାର୍ଥ ପରିତ୍ୟାଗ କରିବା ସହିତ ବୁର୍ଜୁଆ ଅର୍ଥରେ ଦେଶପାଇଁ ଘର ବାଡି, ଗାଡି ମଟର, ଧନ-ସମ୍ପତ୍ତି, ଜୀବନର ସବୁ କିଛି ପରିତ୍ୟାଗ କରିବାର ଏକ ମୌଳିକ ପାର୍ଥକ୍ୟ ରହିଛି। କାରଣ ଏହି ତ୍ୟାଗ ଯଦି ବୁର୍ଜୁଆ ଚିନ୍ତାଦ୍ୱାରା ପ୍ରଭାବିତ ହୁଏ, ତାହେଲେ ତାଦ୍ୱାରା ଅଂହବୋଧ, ବ୍ୟକ୍ତି କେନ୍ଦ୍ରିକତା ଓ ହାମ୍‌ବଡା ଭାବ କ୍ରମାଗତ ବୃଦ୍ଧି ପାଏ ଏବଂ ଶେଷ ପର୍ଯ୍ୟନ୍ତ ତାହା କମ୍ୟୁନିଷ୍ଟ ହେବା ରାସ୍ତାରେ ଚରମ ବିପତ୍ତି ସୃଷ୍ଟିକରେ। ମନେରଖିବାକୁ ହେବ, ଏହି ସଂଗ୍ରାମ ଯିଏ ଯଥାର୍ଥ ଭାବେ ଆରମ୍ଭ କଲା, ସିଏ କମ୍ୟୁନିଷ୍ଟ ଚେତନାର ଅଧିକାରୀ ହେବା ସଂଗ୍ରାମ ଆରମ୍ଭ କଲାମାତ୍ର, ଏବଂ ଏହି ସଂଗ୍ରାମରେ ସଫଳତା ଅର୍ଜନ କରିବା ପଥରେ ହିଁ ଏକମାତ୍ର ପ୍ରକୃତ କମ୍ୟୁନିଷ୍ଟ ହେବା ଭଳି ଯୋଗ୍ୟତା ଅର୍ଜନ କରାଯାଇପାରିବ। x x x

x x x ପ୍ରଥମରେ ହିଁ ଏହା ବୁଝିବା ଦରକାର, କମ୍ୟୁନିଷ୍ଟ ଆଦର୍ଶ ତ୍ୟାଗର ଆଦର୍ଶ ନୁହେଁ। ଆମ୍ଭେମାନେ କିଛି ହିଁ ତ୍ୟାଗ କରିନାହୁଁ। ଏକ କ୍ଷୁଦ୍ର ପଙ୍କିଳ ଜୀବନ ପରିତ୍ୟାଗ କରି, ଏକ ବୃହତ୍ତର, ମହତ୍ ଜୀବନ ଗ୍ରହଣ କରିଛୁ ମାତ୍ର। ଏହାକୁ କ'ଣ କିଏ ତ୍ୟାଗ କହିବ ? ତ୍ୟାଗ ମାନେ କ'ଣ ? ଧରନ୍ତୁ ଆପଣ ଏବେ କୁଡିଆ ଘରେ ବସବାସ କରନ୍ତି। ଆପଣଙ୍କୁ ଏହା ବଦଳରେ ବିରାଟ ଏକ ରାଜପ୍ରାସାଦ ଦିଆଗଲା, ପୁଣି ଆପଣ ଆପଣଙ୍କର ଭଙ୍ଗା ସନ୍ତସନ୍ତିଆ ମଇଳା କୁଡିଆ ଘରଟି ଛାଡି ରାଜପ୍ରାସାଦରେ ଆସି ବସବାସ କରିବାକୁ ଆରମ୍ଭ କଲେ। ଏହି କୁଡିଆ ଘରଛାଡି ଆସିବାକୁ କ'ଣ ଆପଣ ତ୍ୟାଗ ବୋଲି ମନେ କରନ୍ତି ? କେହି ମନେ କରନ୍ତି ନାହିଁ, ଆପଣ ବି କରିବେ ନାହିଁ। କାରଣ ତ୍ୟାଗ ହେଉଛି, କିଛି ନ ଚାହିଁ କିଛି ପରିତ୍ୟାଗ କରିବା। ଅଥବା ସବୁ କିଛି ଦେଇଦେବା। ଏହା କ'ଣ ସେଇଆ ? ଅସଲରେ ତ ଆପଣ ଯେତେ ଛାଡି ଦେଇଛନ୍ତି, ପାଇଛନ୍ତି ତା'ଠାରୁ ଅନେକ ବେଶୀ। କମ୍ୟୁନିଷ୍ଟମାନେ ସେମାନଙ୍କ ବିପ୍ଳବୀ ଜୀବନକୁ ଏହି ରାଜପ୍ରାସାଦର ଜୀବନଠାରୁ ବି ବୃହତ୍ତର ସମ୍ପଦ ବୋଲି ମନେ କରନ୍ତି। ଯେଉଁ ଜୀବନକୁ ସେ ଛାଡି ଆସିଛି, ଜଣେ ବିପ୍ଳବୀ ପାଖରେ ତାହା ଏକ କୁଡିଆ ଘରର ଜୀବନଭଳି କେବଳ ଦୁଃଖମୟ ଓ ପଙ୍କିଳ ନୁହେଁ – କ୍ଷୁଦ୍ର, ନୀଚ ଏବଂ ଅବମାନନାକର ମଧ୍ୟ। ତେଣୁ ଏହି ଦିଗରୁ ବିଚାର କଲେ, ଜଣେ ପ୍ରକୃତ ବିପ୍ଳବୀ କିଛି ତ୍ୟାଗ କରିନାହିଁ। ବରଂ ଯାହା ସେ ଛାଡି ଆସିଛି, ଅର୍ଥାତ୍ ଗାଡି, ଘର, ଟଙ୍କାପଇସା, ଧନ ସମ୍ପତ୍ତି, କୋଠାବାଡି, ଆରାମଅୟସ, ତାହା ତୁଳନାରେ ସେ ହଜାରେ ଲକ୍ଷେ ଗୁଣର ବଡ ଜିନିଷ ପାଇଛି – ସେ ତାର ଆତ୍ମମର୍ଯ୍ୟାଦା ବୋଧ ଫେରିପାଇଛି। **ବିପ୍ଳବୀମାନଙ୍କ ଅଭାବ ଅନଟନ, ହଜାରେ ଦୁଃଖ କଷ୍ଟ ନିର୍ଯ୍ୟାତନା, ଯାହା ଦେଖି ସାଧାରଣ ମଣିଷ ସେମାନଙ୍କ ପାଇଁ ଦୁଃଖ କରନ୍ତି, ସେହି ଆପାତଃ ଦୃଷ୍ଟ ଦୁଃଖମୟ ବିପ୍ଳବୀ ଜୀବନର ନିରନ୍ତର ସଂଗ୍ରାମ ମଧ୍ୟରେ ଲିପ୍ତରହି, ଜଣେ ବିପ୍ଳବୀ ଯେଉଁ ଶାନ୍ତି ଓ ଆନନ୍ଦ ଖୋଜିପାଏ, ସାଧାରଣ ମଣିଷ କୋଠାବାଡି, ମଟରଗାଡି, ଆରାମ ମଧ୍ୟରେ ତାହାର ସନ୍ଧାନ ଖୋଜି ପାଏନାହିଁ।** ***ବିପ୍ଳବଠାରୁ ବଡ ସମ୍ପଦ, ବିପ୍ଳବୀ ଜୀବନଠାରୁ ବଡ ଜୀବନ ତା'ର ଆଉ କିଛି ନାହିଁ।*** ତେଣୁ ବିପ୍ଳବର ପ୍ରୟୋଜନରେ ବିପ୍ଳବୀ ଜୀବନକୁ ଗ୍ରହଣ କରିବାକୁ ଯାଇ କିଛି ଛାଡି ଆସିବାଟା ସେ ତ୍ୟାଗ ବୋଲି ମନେକରେ ନାହିଁ। ଏପରିକି ନିଜ ଜୀବନକୁ ବି ନୁହେଁ। ତାହା ଯଦି ନ ହୋଇଥାନ୍ତା, ଯାହା ସେମାନେ ଛାଡି ଆସିଛନ୍ତି, ତାହା ପ୍ରତି ଯଦି ତାଙ୍କର ଟିକିଏ ହେଲେ ବି ମମତ୍ୱ, କ୍ଷୋଭ ବା ବ୍ୟଥା ପୁଞ୍ଜିଭୂତ ହୋଇ ରହିଥାନ୍ତା, ତାହା ହେଲେ ଚୀନର ବିପ୍ଳବୀମାନେ ଧାରାବାହିକ ଭାବେ ୩୦ ବର୍ଷ ଧରି ବଣଜଙ୍ଗଲରେ ଏପରି ମରଣପଣ ସଂଗ୍ରାମ କରିପାରିନଥାନ୍ତେ। ବିପ୍ଳବୀ ଜୀବନ ଭିତରେ ଏକ ଉଚ୍ଚମାନର ମର୍ଯ୍ୟାଦାବୋଧ ଏବଂ ଆନନ୍ଦର ସନ୍ଧାନ ନ ପାଇଥିଲେ, ଭିଏତ୍‌ନାମର ବିପ୍ଳବୀମାନେ ଏତେବଡ ଶକ୍ତି ବିରୁଦ୍ଧରେ ଦିନ ପରେ ଦିନ, ରାତି ପରେ ରାତି, ବର୍ଷ ପରେ ବର୍ଷ ଧରି ଏତେ ବଡ ରକ୍ତକ୍ଷୟୀ ସଂଗ୍ରାମର ତାକତ ଖୋଜି ପାଇଥାନ୍ତେ କେଉଁଠୁ ? **ଜଣକ ଭିତରେ, ଏହି ବିପ୍ଳବୀ ଜୀବନର ଆକାଂକ୍ଷା ଉଦ୍ଦାମ ହୋଇ ଦେଖାଦେଲେ ହିଁ କେବଳ ସେ ବିପ୍ଳବୀ ହୋଇପାରିବ।** ଅଥଚ ଆମ ଦେଶର କମ୍ୟୁନିଷ୍ଟମାନେ କିଛି ଛାଡିବାକୁ ହେଲେ ହିଁ ମହାତ୍ୟାଗ କରୁଛନ୍ତି ବୋଲି ମନେ କରନ୍ତି। କ'ଣ ସେମାନେ ତ୍ୟାଗ କରିଛନ୍ତି ? ଗାଡି, ଘର, ଧନ-ସମ୍ପତ୍ତି, ଆରାମ – ଏଇଆ ତ ? ସେ ଅର୍ଥରେ, ଏ ଦେଶରେ ଗାନ୍ଧିବାଦୀମାନେ ଅନେକ ବେଶୀ ତ୍ୟାଗ କରିଛନ୍ତି। କିନ୍ତୁ ଯେଉଁମାନେ କମ୍ୟୁନିଷ୍ଟ କହି ନିଜର ପରିଚୟ ଦିଅନ୍ତି, ସେମାନେ ଏହାକୁ ତ୍ୟାଗ ବୋଲି ମନେକରନ୍ତି କାହିଁକି ? ଯଦିଓ ଏକଥା ଠିକ୍, ଜଣେ ପ୍ରକୃତ ବିପ୍ଳବୀ ଯେତେବେଳେ ବିପ୍ଳବୀ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇଆସେ, ସାଧାରଣ ମଣିଷର ଜୀବନର ଚାହିଦା ସବୁ ଯେତେବେଳେ ତା ନିକଟରେ ଅର୍ଥହୀନ ହୋଇଯାଏ, ସେତେବେଳେ ସାଧାରଣ ଲୋକ ସେହି କମ୍ୟୁନିଷ୍ଟମାନଙ୍କୁ, ଯେଉଁମାନେ ସବୁକିଛି ଛାଡି ବିପ୍ଳବୀ ସଂଗ୍ରାମରେ ଜୀବନକୁ ନିୟୋଜିତ କରିଛନ୍ତି, ତାଙ୍କୁ ସାଧାରଣ ଅର୍ଥରେ ମହାତ୍ୟାଗୀ ବୋଲି ମନେକରନ୍ତି; କିନ୍ତୁ ଜଣେ କମ୍ୟୁନିଷ୍ଟ ଏହାକୁ ତ୍ୟାଗ ଅର୍ଥରେ ନେବ କାହିଁକି ? ତାହାହେଲେ, ବିପ୍ଳବ ତୁଳନାରେ ଏହି ଘର-ଦ୍ୱାର, ଗାଡି-ମଟର, ଧନ-ସମ୍ପତ୍ତି, ଆରାମ-ଏହି ବସ୍ତୁଗୁଡିକୁ ହିଁ ସେମାନେ ବେଶୀ ମୂଲ୍ୟବାନ ବୋଲି ମନେ କରନ୍ତି; ଅର୍ଥାତ୍ ଏହି ସବୁ ପ୍ରତି ତାଙ୍କ ମନର ଗୋପନ କୋଣରେ ପ୍ରବଳ ଆକର୍ଷଣ ବିଦ୍ୟମାନ। ତେଣୁ ଯେଉଁମାନେ ଦେଶପାଇଁ ଏତେ ତ୍ୟାଗ କଲେ ବୋଲି ମନେକରନ୍ତି, ବିନିମୟରେ ସେମାନଙ୍କର କିଛି ପାଇବାର ମନୋଭାବ ଆସେ, ତାହା ଧନ ସମ୍ପତ୍ତି ହେଉ ବା ପଦପଦବୀ ହେଉ। ଆମ ଦେଶର କମ୍ୟୁନିଷ୍ଟମାନେ ମଧ୍ୟ ଏହି ତ୍ୟାଗ ବିନିମୟରେ ଆଜି କିଛି ପାଇବାକୁ ଚାହୁଁଛନ୍ତି। ସେମାନଙ୍କ ତ୍ୟାଗ ଆଜି ସାରା ଦେଶ ଉପରେ ଏକ ବୋଝ ହୋଇ ଦେଖାଦେଇଛି।

ଅବଶ୍ୟ ଏକଥା ଠିକ୍, ସେମାନଙ୍କ ମଧ୍ୟରେ ଏପରି ଅନେକ ଅଛନ୍ତି, ଯେଉଁମାନେ ଧନସମ୍ପତ୍ତି ବା ପଦପଦବୀ ଏସବୁ କିଛି ଚାହୁଁ ନାହାନ୍ତି, ସେମାନେ ବିପ୍ଳବ ଚାହାଁନ୍ତି, କିନ୍ତୁ ସେମାନଙ୍କର ବି ମନୋଭାବ ଏହିଭଳି ଯେ ସେମାନେ ବିପ୍ଳବ ପାଇଁ ବ୍ୟକ୍ତିଗତ ଅନେକ କିଛି ତ୍ୟାଗ କରିଛନ୍ତି ବା କରୁଛନ୍ତି। ତ୍ୟାଗର ଏହି ମନୋଭାବ ମନ ଭିତରେ ଲୁକ୍କାୟିତ ଥିଲେ ପରିଣତି କ'ଣ ହୁଏ ? ବିରୁଦ୍ଧ ଓ ପ୍ରତିକୂଳ ଅବସ୍ଥା ଭିତରେ ଅଥବା ସଂଗ୍ରାମ ମଧ୍ୟରେ ଇପ୍‌ସିତ ଫଳ ଲାଭ ନହେଲେ ସେମାନେ ଧୀରେ ଧୀରେ ମଣିଷର କ୍ଷମତା(human effort) ଉପରେ ବିଶ୍ୱାସ ହରାଇ ବସନ୍ତି। ଯେଉଁମାନେ ଗାଡିମଟର ଘରବାଡି ଚାହୁଁ ନାହାନ୍ତି, କ୍ଷମତା ଲୋଭ ବା ଦ୍ୱନ୍ଦ୍ୱ ଭିତରକୁ ଆସିବାକୁ ଚାହୁଁ ନାହାନ୍ତି, ସେହିଭଳି ଗାନ୍ଧାବାଦୀମାନଙ୍କ ପରିଣତି ଆମ ଦେଶରେ କଣ ହୋଇଛି ? ଯଦିଓ ସେମାନେ ଏହି ତ୍ୟାଗୀମାନଙ୍କ ଭିତରେ ବ୍ୟତିକ୍ରମ କିନ୍ତୁ – They have become frustrated, cynic and have lost all faith in human effort- ଅର୍ଥାତ୍ ମଣିଷ ପ୍ରତି, ମଣିଷର ଭବିଷ୍ୟତ ଗଢିତୋଳିବା ସଂଗ୍ରାମ ପ୍ରତି, ସେମାନେ ଆସ୍ଥା ହରାଇ ବସିଛନ୍ତି। ସେମାନେ ନିଷ୍କ୍ରିୟ ହୋଇପଡିଛନ୍ତି। ସେମାନେ ଏକ ପ୍ରକାରର ନିରାଶାବାଦୀ Cynic। ଫଳରେ ତ୍ୟାଗ ଧର୍ମର ଏହି ଦୁଇଟି ହେଉଛି ଚରମ ପରିଣତି। ହୁଏତ ତ୍ୟାଗ ବିନିମୟରେ ଆସେ କିଛି ପାଇବାର ମନୋଭାବ – ତାହା ଯେଉଁ ରୂପରେ ହିଁ ହେଉ; ଆଉ ନହେଲେ ସମୟର ଗତିପଥରେ ଯଦି ଜୀବନର ଆକାଂକ୍ଷିତ ସଫଳତା ନଆସେ, ତାହାହେଲେ ସଂଗ୍ରାମର ଜଟିଳ ଅବସ୍ଥାରେ ବ୍ୟର୍ଥତା ସାମନାରେ ଆସି ହତାଶା ଦେଖାଦିଏ, ସେମାନେ ମଣିଷର ସମସ୍ତ କ୍ଷମତା ଏବଂ ସଂଗ୍ରାମ ଉପରେ ଆସ୍ଥା ହରାଇ ବସନ୍ତି। ପୁଣି ଏହିଭଳି ଅବସ୍ଥାରେ ଏକଦା ଅର୍ଜିତ ସେମାନଙ୍କ ବିପ୍ଳବୀ ଚରିତ୍ରର ଗୁଣାବଳୀ ସବୁ ମରିବାକୁ ଲାଗେ ଏବଂ ସେହି ଅର୍ଥରେ ପୂର୍ବତୁଳନାରେ ଜୀବନ କ୍ଷେତ୍ରରେ ଅଧଃପତନ ଘଟିଥାଏ। ଅର୍ଥାତ୍ ମୁଁ କହିବାକୁ ଚାହୁଁଛି ଯେଉଁମାନେ ଗାଡି, ଘର, ସମ୍ପତ୍ତି ଚାହିଁଲେ ନାହିଁ, କ୍ଷମତା ଦ୍ୱନ୍ଦ୍ୱ ଭିତରକୁ ଆସିଲେ ନାହିଁ ବା ବିନିମୟରେ ବ୍ୟକ୍ତିଗତ କିଛି ଚାହିଁଲେ ନାହିଁ, ସେମାନଙ୍କ କ୍ଷେତ୍ରରେ ବି ଯଦି ତ୍ୟାଗ ସମ୍ପର୍କରେ ଯଥାର୍ଥ ମାର୍କ୍ସବାଦସମ୍ମତ ଧାରଣା ନଥାଏ, ତାହା ହେଲେ କଣ ହୁଏ ? ସେମାନେ ସବୁକିଛି ଦେଖି ଶୁଣି ହତାଶ ହୋଇ ଯାଆନ୍ତି, ମଣିଷର ସମସ୍ତ କ୍ଷମତା ଏବଂ ସଂଗ୍ରାମ ଉପରେ ଆସ୍ଥା ହରାଇ ବସନ୍ତି, ଅଥବା ନିରାଶାବାଦୀ (Cynic) ହୋଇ ପଡନ୍ତି। ★★★

## ଉତ୍କଟ ଦାରିଦ୍ର୍ୟ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

କେବଳ କ'ଣ ପରିସ୍ଥିତିର ବିବରଣୀ ଦେବା ଏବଂ ଉଦ୍‌ବେଗ ପ୍ରକାଶ କରିବା ?

ଚଳିତ ବର୍ଷ ମେ-ଜୁନ ମାସରେ ବହୁଜାତୀୟ ସମ୍ବାଦ ସଂସ୍ଥା ରୟଟର ଏକାବନ ଜଣ ଅର୍ଥନୀତିଜ୍ଞଙ୍କୁ ଭାରତର ଭବିଷ୍ୟତ ଅର୍ଥନୀତି ବିଷୟରେ ପଚାରିଥିବା ପ୍ରଶ୍ନ ଉପରେ ସେମାନେ ଯେଉଁ ଉତ୍ତର ଦେଇଛନ୍ତି ତା ମଧ୍ୟରେ ହିଁ ଉପରୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ରହିଛି । ଏହି ବିଶିଷ୍ଟ ଅର୍ଥନୀତିବିତ୍ ମାନଙ୍କ ମତରେ ଭାରତୀୟ ଅର୍ଥନୀତିରେ ଅଭିବୃଦ୍ଧି ଦ୍ରୁତ ଗତିରେ ହେବ । କିନ୍ତୁ ତା' ସତ୍ତ୍ୱେ ଯେଉଁ ଆର୍ଥିକ ବୈଷମ୍ୟ ଇତିମଧ୍ୟରେ ସୃଷ୍ଟି ହୋଇଛି ତାହା ତ କମିବ ନାହିଁ ବରଂ ଆଗାମୀ ଦିନଗୁଡ଼ିକରେ ଏଇ ବୈଷମ୍ୟ ଆହୁରି ବୃଦ୍ଧି ପାଇବ ।

କାହିଁକି ଦ୍ରୁତ ଆୟବୃଦ୍ଧି ସତ୍ତ୍ୱେ ଆର୍ଥିକ ବୈଷମ୍ୟ କମିବ ନାହିଁ ? ଦିଲ୍ଲୀ ଆଇଆଇଟିର ଉନ୍ନୟନ-ଅର୍ଥନୀତିର ଅଧ୍ୟାପିକା ରତିକା ଖେରା ଏହାର ଉତ୍ତର ଦେଇଛନ୍ତି । ସେ କହିଛନ୍ତି, ବୈଷମ୍ୟ ଆପଣାଛାଏଁ ଦୂର ହୋଇଯାଏ ନାହିଁ । ସେଥିପାଇଁ ସୁନିର୍ଦ୍ଦିଷ୍ଟ ନୀତି ଓ ପରିକଳ୍ପନାର ଆବଶ୍ୟକତା ରହିଛି । କିନ୍ତୁ ଏହି ବୈଷମ୍ୟକୁ ଯେ ଦେଶର ପରିଚାଳକ ଓ ନୀତିନିର୍ଦ୍ଧାରକମାନେ ଦୂର କରିବାକୁ ଚାହାଁନ୍ତି ତା' ଅନ୍ତତଃ ଜଣା ପଡୁନାହିଁ ।

ଅର୍ଥନୀତିଜ୍ଞମାନେ ରୟଟରକୁ ଦେଇଥିବା ବକ୍ତବ୍ୟ ଅନୁଯାୟୀ ଗୋଟିଏ କଥା ସ୍ପଷ୍ଟଭାବେ ଜଣା ପଡୁଛି ଯେ ନୀତିଆୟୋଗ କିମ୍ବା ଦେଶର ସରକାର, କାହାରି ହେଲେ ଦେଶରୁ ଆର୍ଥିକ ବୈଷମ୍ୟ ଦୂର କରିବାପାଇଁ କୌଣସି ପରିକଳ୍ପନା ନାହିଁ । ତା' ହେଲେ କେଉଁ ଧରଣର ନୀତି ନିର୍ଦ୍ଧାରଣ ସେମାନେ କରୁଛନ୍ତି ? ପ୍ୟାରିସ ସ୍କୁଲ ଅଫ୍ ଇକୋନୋମିକ୍ସର 'ୱାର୍ଲଡ୍ ଇନଇକ୍ୟୁାଲିଟି ଲ୍ୟାବ୍'ର ଗୋଟିଏ ରିପୋର୍ଟରେ କୁହାଯାଇଛି ଯେ, ଅଧୁନା ଭାରତର ଆର୍ଥିକ ବୈଷମ୍ୟ ବ୍ରିଟିଶ ଶାସନକାଳଠାରୁ ମଧ୍ୟ ଆହୁରି ଉତ୍କଟ । ଅକ୍ସଫାମ୍‌ର ଗୋଟିଏ ରିପୋର୍ଟରେ ପ୍ରକାଶ ପାଇଛି ଯେ ୨୦୧୨ ଠାରୁ ୨୦୨୧ ମଧ୍ୟରେ ଭାରତରେ ସୃଷ୍ଟି ହୋଇଥିବା ସଂପଦର ୪୦ଶତାଂଶ, ଏକ ଶତାଂଶ ଧନୀକମାନଙ୍କ ହାତରେ ଠୁଳ ହୋଇଛି । ଦେଶର ଶତକଡା ୫୦ଭାଗ ଅତି ଦରିଦ୍ରଙ୍କ ହାତକୁ ଆସିଛି ମାତ୍ର ତିନି ଶତାଂଶ ସଂପଦ । ଏଇ ତଥ୍ୟରୁ ଗୋଟିଏ କଥା ସ୍ପଷ୍ଟ ଯେ ଆମ ଦେଶର ଅର୍ଥନୀତିରେ କେବଳ ମୁଷ୍ଟିମେୟ ଧନୀକ ଗୋଷ୍ଠୀଙ୍କର ଦ୍ରୁତତମ ଆୟବୃଦ୍ଧି ଘଟିଛି । ଅର୍ଥାତ୍ ନୀତିଆୟୋଗ ବା ସରକାର ବା କମିଶନ ଯେଉଁ ସବୁ ନୀତି ନିର୍ଦ୍ଧାରଣ କରୁଛନ୍ତି ତାହା ଏହି ଧନୀକଗୋଷ୍ଠୀଙ୍କ ମୁନାଫା ବୃଦ୍ଧିକୁ ଲକ୍ଷ୍ୟ ରଖିହିଁ କରିଛନ୍ତି । ଏଇ ପୁଞ୍ଜିବାଦୀ ଅର୍ଥନୀତି ଯୋଗୁ ହିଁ ଭାରତର ଆୟବୃଦ୍ଧି ସଙ୍ଗେ ସଙ୍ଗେ ଆର୍ଥିକ ବୈଷମ୍ୟ ଦ୍ରୁତଗତିରେ ବଢ଼ି ଚାଲିଛି । ବହୁପୂର୍ବରୁ ମାନବମୁକ୍ତିର ଦିଗ ନିର୍ଦ୍ଦେଶକାରୀ ମହାନ କାର୍ଲମାର୍କ୍ସ ଦର୍ଶାଇଛନ୍ତି ଯେ ପୁଞ୍ଜିପତି ଶ୍ରେଣୀର ମୁନାଫା ସୃଷ୍ଟି ହୁଏ ଶ୍ରମିକ ଶ୍ରେଣୀକୁ ଶୋଷଣ କରି ଏବଂ ତାଙ୍କୁ ତାଙ୍କ ଅଧିକାରରୁ ବଂଚିତ କରି । ଶୋଷଣ ଯେତେ ତୀବ୍ର ହେବ ମାଲିକମାନଙ୍କର ମୁନାଫା ସେତେ ବୃଦ୍ଧି ପାଇବ । ବର୍ତ୍ତମାନ ଯେଉଁ ଆକାଶଛୁଆଁ ମୁନାଫା ବୃଦ୍ଧି ହୋଇଛି ସେଥିରୁ ଅନୁମେୟ ଯେ ଶୋଷଣର ମାତ୍ରା କେତେ ତୀବ୍ର । ସଂପ୍ରତି ଦେଶର ଅନ୍ୟତମ ଶ୍ରେଷ୍ଠ ଧନୀ ଗୌତମ ଆଦାନୀଙ୍କ ବକ୍ତବ୍ୟ ହେଉଛି- ବର୍ତ୍ତମାନ ସମୟ ଭାରତୀୟ ଅର୍ଥନୀତି ପାଇଁ ଶ୍ରେଷ୍ଠ ସମୟ । ତାଙ୍କ ମତରେ- "ଅର୍ଥନୀତି ଏହି ଗତିରେ ଚାଲିଲେ ଆଗାମୀ ଦଶକରେ ପ୍ରତି ୧୨ରୁ ୧୮ ମାସ ମଧ୍ୟରେ ଭାରତୀୟ ଅର୍ଥନୀତିରେ ଏକ ଲକ୍ଷ କୋଟି ଡଲାର ବୃଦ୍ଧି ପାଇବ ଏବଂ ୨୦୫୦ ମସିହା ସୁଦ୍ଧା ଏହା ୩୦ଲକ୍ଷ କୋଟିରେ ପହଞ୍ଚିଯିବ ।"

ଅର୍ଥନୀତିର ଏଇ ଯେଉଁ ବିପୁଳ ବୃଦ୍ଧିର ବର୍ଣ୍ଣନା ଆଦାନୀ ସାହେବ ଦେଲେ ତାହା କ'ଣ ସାଧାରଣ ଜନତାର ରୋଜଗାର, କ୍ରୟ କ୍ଷମତା ବା ଜୀବନର ମାନ ବୃଦ୍ଧି ଯୋଗୁଁ ହେବ ? କେବେ ବି ନୁହେଁ । ସାଧାରଣ ଲୋକମାନଙ୍କ ଦ୍ୱାରା ଜୀବନଧାରଣର ସାମଗ୍ରୀ ଖରିଦ କମିଛି ଏବଂ କମିଚାଲିଛି । ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ସମସ୍ତ କାର୍ଯ୍ୟକ୍ଷମ ଜନଗଣଙ୍କ ପରିଶ୍ରମରେ ଦେଶର ସଂପଦ ସୃଷ୍ଟି ଓ ବୃଦ୍ଧି ହେଉଛି । ସେ ସଂପଦର ସିଂହଭାଗ ଚାଲିଯାଉଛି ମୁଷ୍ଟିମେୟ ଧନୀକ ଗୋଷ୍ଠୀଙ୍କ ଭଣ୍ଡାରକୁ ।

ବାସ୍ତବରେ ଦୁଇଟି ଉପାୟରେ ଧନକୁବେରମାନଙ୍କ ମୁନାଫା ବୃଦ୍ଧି ପାଉଛି ।

ପ୍ରଥମଟି ହେଲା- ଦେଶରେଥିବା କଳକାରଖାନା, ବନ୍ଦର, ବିମାନବନ୍ଦର, ରାଷ୍ଟ୍ରାୟତ୍ତ ସଂପଦ ଯାହା ଜନଗଣଙ୍କ ପରିଶ୍ରମ ଓ କର ଦ୍ୱାରା ନିର୍ମିତ, ତାହା ପୁଞ୍ଜିପତିଙ୍କ ଦଖଲକୁ ଚାଲିଯାଉଛି ଏବଂ ଖଣିଜ ସମ୍ପଦ, ନଦୀ, ଜଙ୍ଗଲ ଭଳି ପ୍ରାକୃତିକ ସଂପଦ ଅବାଧରେ ଏକଚାଟିଆ ପୁଞ୍ଜିପତିମାନଙ୍କ ଦ୍ୱାରା ଲୁଟ ହେଉଛି । ଦ୍ୱିତୀୟଟି ହେଲା- ସରକାର, ନେତା ମନ୍ତ୍ରୀମାନଙ୍କର ପ୍ରତ୍ୟକ୍ଷ ସହଯୋଗରେ ବେଆଇନ ଉପାୟରେ ଏକଚାଟିଆ ପୁଞ୍ଜିପତିମାନଙ୍କ ସଂପଦ ବୃଦ୍ଧି ହେଉଛି । ଧନକୁବେର ଗୋଷ୍ଠୀର ସମ୍ପଦ ବୃଦ୍ଧି ହେଉଛି ସଂପୂର୍ଣ୍ଣ ଅବୈଧ ଓ ଅନୈତିକ ଉପାୟରେ । ସେଇ ସମ୍ପଦକୁ ପୁଞ୍ଜିକରି ପୁଞ୍ଜିପତି ଶ୍ରେଣୀ ଦେଶ ମଧ୍ୟରେ ନିର୍ଭୟରେ ଶୋଷଣ ଲୁଣ୍ଠନ କରୁଛନ୍ତି ଓ ସରକାର ଓ ରାଷ୍ଟ୍ର ଉପରେ ପ୍ରଭାବ ବିସ୍ତାର କରୁଛନ୍ତି ଏବଂ ରାଷ୍ଟ୍ରର ପୂର୍ଣ୍ଣ ସହାୟତାରେ ବିଶ୍ୱବଜାରରେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦୀ ଭାବେ ବିଭିନ୍ନ ଦେଶରେ ବ୍ୟବସାୟ କରିବା ସଙ୍ଗେ ସଙ୍ଗେ ସେଠାକାର କଞ୍ଚାମାଲ ଓ ଶସ୍ତା ଶ୍ରମ ଲୁଣ୍ଠନ କରି ନିଜର ଧନଭଣ୍ଡାରର ଆହୁରି ଅଭିବୃଦ୍ଧି ଘଟାଉଛନ୍ତି । ଏହି ସୀମାହୀନ ଅଭିବୃଦ୍ଧିକୁ ଦେଶର ସଂପଦ ବୃଦ୍ଧି ବୋଲି ଦର୍ଶାଯାଉଛି ।

୧୯୯୧ରେ ତତ୍କାଳୀନ କଂଗ୍ରେସ ସରକାର ଦ୍ୱାରା ପ୍ରଣୀତ ଜଗତିକରଣ ଅର୍ଥନୀତିର ଫଳସ୍ୱରୂପ ସରକାରୀ ସମ୍ପତ୍ତି, କଳକାରଖାନା, ରେଳ, ତୈଳ, ବ୍ୟାଙ୍କ, ବୀମା, ବନ୍ଦର, ଖଣିଜ ସମ୍ପଦ, ବିଦ୍ୟୁତ, ଗ୍ୟାସ, ଶିକ୍ଷା, ଚିକିତ୍ସା ପ୍ରଭୃତିକୁ ପୁଞ୍ଜିପତିମାନଙ୍କ ହାତକୁ ଟେକିଦେବା ଆରମ୍ଭ ହେଲା । ୨୦୧୪ ମସିହାରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ସରକାର ପ୍ରାୟ ସମସ୍ତ ଶ୍ରମ ଆଇନକୁ ଉଚ୍ଛେଦ କରି ଚାରୋଟି ଶ୍ରମ କୋର୍ଡ ପ୍ରଣୟନ କଲେ । ଏହାଫଳରେ ଶ୍ରମିକମାନଙ୍କର ଯାହାବି ସାମାନ୍ୟ ଅଧିକାର ଥିଲା, ତା' ମଧ୍ୟ ଛଡ଼ାଇ ନିଆଗଲା । ନୂତନ ଶ୍ରମକୋର୍ଡ ପ୍ରଚଳନ ଫଳରେ ବହୁ ସଂଗ୍ରାମ ଦ୍ୱାରା ଅର୍ଜିତ ଦୈନିକ ଆଠ ଘଣ୍ଟା ଶ୍ରମ ଦିବସ, ସଂଗଠିତ ହେବାର ଅଧିକାର, ନ୍ୟୁନତମ ମଜୁରୀ, ପେନ୍‌ସନ୍, ପ୍ରୋଭିଡେଣ୍ଟ ଫଣ୍ଡ, ଲେ-ଅଫ୍, ଲକ୍-ଆଉଟ୍ କ୍ଷେତ୍ରରେ ମାଲିକମାନଙ୍କ ପକ୍ଷରେ ଆଇନ ମାନିବାର ବାଧ୍ୟବାଧକତାକୁ ଉଚ୍ଛେଦ କରାଗଲା ।

ବାସ୍ତବରେ ଚାରୋଟି ଶ୍ରମକୋଡ ବଳରେ ଶ୍ରମିକମାନଙ୍କୁ ଅଧିକ ଶୋଷଣକରି ନିଃଶେଷ କରିବାର ଅଧିକାର ମାଲିକମାନେ ପାଇଛନ୍ତି । ଅତଏବ ଶୋଷଣ ଯେତେ ବଢ଼ିବ ମାଲିକମାନଙ୍କ ମୁନାଫାରେ ସେତେ ବୃଦ୍ଧି ଘଟିବ । ଏହା ସଙ୍ଗେ ସଙ୍ଗେ ଗୋଟିଏ ଜନକଲ୍ୟାଣକାରୀ ରାଷ୍ଟ୍ର ଭାବରେ ଭାରତ ସରକାର ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ପରି ସେବାକ୍ଷେତ୍ରରେ ପୂର୍ବରୁ ଯାହା ବ୍ୟୟ କରୁଥିଲେ ସେଥିରେ କାଟ୍ କରୁଛନ୍ତି । ଫଳରେ ପୁଞ୍ଜିପତିମାନଙ୍କୁ ତୀବ୍ର ଶ୍ରମିକ ଶୋଷଣ କରିବାର ସୁଯୋଗ ସରକାର ନିଜେ ଦେଉଛନ୍ତି । ଏହି ବହୁମୁଖୀ ଶୋଷଣ ଫଳରେ ପୁଞ୍ଜିପତିମାନଙ୍କ ମୁନାଫା ବୃଦ୍ଧି ସଙ୍ଗେ ସଙ୍ଗେ ଜନଗଣ କ୍ରମାଗତ ଦାରିଦ୍ର୍ୟ, ବେକାରତ୍ୱ, ଅଶିକ୍ଷା, ଚିକିତ୍ସାହୀନତାର ଶିକାର ହୋଇ ତଳିତଳାନ୍ତ ହେଉଛନ୍ତି । ସମାଜର ଗୋଟିଏ କ୍ଷୁଦ୍ର ଅଂଶର ଅଭିବୃଦ୍ଧିକୁ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ବୋଲି ଦର୍ଶାଇ ଶାସକମାନେ ଦେଶ ପୃଥିବୀରେ ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାର ସ୍ୱପ୍ନ ଦେଖାଉଛନ୍ତି । ଏହି ବିକାଶ, ଅଭିବୃଦ୍ଧି ଓ ସଂପଦରେ ଦେଶର ସଂଖ୍ୟାଗରିଷ୍ଠ ଜନତାଙ୍କର ସ୍ଥାନ ନାହିଁ । କାରଣ ଅନ୍ୟାୟ ଭିତ୍ତିରେ ଗଢ଼ିଉଠିଥିବା ବୈଷମ୍ୟମୂଳକ ସମାଜରେ ସମସ୍ତ ସୁବିଧା ସୁଯୋଗ କେନ୍ଦ୍ରୀଭୂତ ହେଉଛି ମୁଷ୍ଟିମେୟ ଧନୀକ ଓ କ୍ଷମତାସୀନ ମାଲିକ ଗୋଷ୍ଠୀ ହାତରେ ।

ଏଥିରୁ ସ୍ପଷ୍ଟ ବୁଝି ହେଉଛି ଯେ, ନୀତି ଆୟୋଗର ଉଦ୍‌ବେଗ କେତେ ସଂବେଦନହୀନ । ନୀତି ଆୟୋଗ ଭଳି ସଂସ୍ଥାଗୁଡ଼ିକ ପୁଞ୍ଜିବାଦୀ ରାଷ୍ଟ୍ରରେ ଯେଉଁସବୁ ନୀତି ନିର୍ଦ୍ଧାରଣ କରନ୍ତି ତାହା କେବଳ ପୁଞ୍ଜିପତି ଶ୍ରେଣୀର ଅବାଧ ଅଗ୍ରଗତି ପାଇଁ ହିଁ ଉଦ୍ଦିଷ୍ଟ । ସାଧାରଣ ଜନତାଙ୍କ ପାଇଁ ସେଥିରେ କେବଳ ଦାରିଦ୍ର୍ୟ ଦୂରିକରଣ ଭଳି ଦାନଧର୍ମ କଲା ଭଳି ଯୋଜନା ଥାଏ ମାତ୍ର । ବୈଷମ୍ୟ ଦୂର କଲାଭଳି କୌଣସି ଯୋଜନା ନଥାଏ । ଏଇ ବୈଷମ୍ୟର ଗୋଟିଏ ପ୍ରତିକ୍ରିୟା ମଧ୍ୟ ଅଛି ଯାହା ସମାଜ ଅଭ୍ୟନ୍ତରରେ ଚାଲିଥିବା ଦ୍ୱନ୍ଦ୍ୱକୁ ଆହୁରି ତୀବ୍ରତର କରେ ଏବଂ ଗଣବିକ୍ଷୋଭକୁ ଜନ୍ମ ଦିଏ । ପରିବର୍ତ୍ତନର ଆକାଂକ୍ଷାକୁ ଜନ୍ମ ଦିଏ । ଆଜି ଆମ ଦେଶରେ ଏହାହିଁ ବାସ୍ତବରେ ଦେଖା ଦେଉଛି ।

★ ★ ★

## ଦରଦାମ ବୃଦ୍ଧି . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ବସ୍ତିବାସିନ୍ଦା ଓ ରାସ୍ତାକଡ ବ୍ୟବସାୟୀଙ୍କୁ ଉଚ୍ଛେଦ ବନ୍ଦ, ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଖୋଲିବା ଏବଂ ଯୁଦ୍ଧକାଳୀନ ଭିତ୍ତିରେ ଖାଲି ପଡ଼ିଥିବା ସମସ୍ତ ଶିକ୍ଷକ, ଅଧ୍ୟାପକ ପଦବୀ ପୂରଣ, ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରି ତୁରନ୍ତ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ଶୁଳ୍କ ଛାଡ ଓ ସ୍ମାର୍ଟ ଇଲେକ୍ଟ୍ରି ମିଟର ବସାଇବା ବନ୍ଦ, ସମସ୍ତଙ୍କ ପାଇଁ ନିଯୁକ୍ତି ସୁଯୋଗ, ଦାଦନ ସମସ୍ୟାର ସ୍ଥାୟୀ ପ୍ରତିକାର, ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷାକରୀ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ଏବଂ ବିଳମ୍ବିତ ମୌସୁମୀ ବର୍ଷା ଓ ସ୍ୱଳ୍ପ ବୃଷ୍ଟି ଯୋଗୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ, ପାଚିକା-ସହାୟିକା, ଅଙ୍ଗନବାଡ଼ି ଓ ଆଶା କର୍ମୀ ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ସ୍ୱାସ୍ଥ୍ୟସେବାର ଘରୋଇକରଣ ବନ୍ଦ ଓ ସମସ୍ତଙ୍କ ପାଇଁ ମାଗଣା ଚିକିତ୍ସାର ବ୍ୟବସ୍ଥା ଆଦି ଦାବି ସମ୍ବଳିତ ସ୍ମାରକ ପତ୍ର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଛବି ମହାନ୍ତି, ବିଶ୍ୱାବସୁ ଦାସ, ଅଚ୍ୟୁତ ପ୍ରଧାନ, ନୃସିଂହ ପଣ୍ଡାଙ୍କୁ ନେଇ ଗଠିତ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ଉପରୋକ୍ତ ଦାବି ସହ ଓଡ଼ିଶାର ବିଜୁ ପଟ୍ଟନାୟକ ବିମାନବନ୍ଦର ସମେତ ଦେଶର ଅନ୍ୟାନ୍ୟ ବିମାନବନ୍ଦରକୁ ଆଦାନୀ ଭଳି ଘରୋଇ କମ୍ପାନୀମାନଙ୍କ ହାତକୁ ଟେକି ଦେବା ବନ୍ଦ, ନିଟ୍, ନେଟ୍ ଦୁର୍ନୀତିରେ ଜଡ଼ିତ ସମସ୍ତ ଅପରାଧି ମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା ସହିତ ଏନ୍‌ଟିଏ କୁ ବାତିଲ, ନୂତନ ଜାତୀୟ ଶିକ୍ଷାନୀତି -୨୦୨୦ ବାତିଲ, ଆଦିବାସୀ ଓ ଜଙ୍ଗଲ ଅଧିବାସୀଙ୍କ ସ୍ୱାର୍ଥ ବିରୋଧୀ ଜଙ୍ଗଲ ସଂରକ୍ଷଣ (ସଂଶୋଧନ) ଆଇନ-୨୦୨୩କୁ ସଂପୂର୍ଣ୍ଣ ବାତିଲ, ମୃତ୍ତିକା କ୍ଷୟ ବନ୍ଦ, ପରିବେଶର ସୁରକ୍ଷା ଏବଂ ବିଶ୍ୱ ତାପମାତ୍ରା ବୃଦ୍ଧି ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଆଦି ଦାବି ସମ୍ବଳିତ ସ୍ମାରକ ପତ୍ର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ବିଷ୍ଣୁ ଦାସ, ସୁରେନ୍ଦ୍ର ମଲ୍ଲିକ, ଭିକାରୀ ପ୍ରଧାନ, କ୍ଷୀରୋଦ କରଙ୍କୁ ନେଇ ଗଠିତ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ ।

ବିକ୍ଷୋଭ ସ୍ଥଳରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ଅଫିସ ସମ୍ପାଦିକା କମ୍ରେଡ ସ୍ୱୟଂପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ଅଶୋକ ମିଶ୍ର, ରାଜ୍ୟ କମିଟି ସଭ୍ୟ ସୁବାସ ମଲ୍ଲିକ, ବିଜୟ ମଲ୍ଲିକ, ନାରୀ ନେତ୍ରୀ ସରୋଜିନୀ ନାୟକ, ଛାତ୍ର ନେତା ସୋମନାଥ ବେହେରା, ସଂଗଠକ ବବି ବଳବନ୍ତରାୟ, ଅଶୋକ ସାହୁ, ସୁବାସ ବରାଳ, ନିରଞ୍ଜନ ମହାନ୍ତି, ରାଜକିଶୋର ମଲ୍ଲିକ, ଏଲିନା ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧି ନୀତି ଗୁଡ଼ିକୁ ଦୃଢ଼ ନିନ୍ଦା କରିବାସହ ଉପସ୍ଥାପିତ ଦାବିଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ଦାବି କରିଥିଲେ ।

# ବେସରକାରୀକରଣ ଲକ୍ଷ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକର ମିଶ୍ରଣ କରାଯାଉଛି

ବେସରକାରୀକରଣ ଲକ୍ଷ୍ୟ ନେଇ ପୁଣି ବ୍ୟାଙ୍କ ଗୁଡ଼ିକର ମିଶ୍ରଣ ରାସ୍ତାରେ ପାଦ ଦେଇଛି ବିଜେପି ସରକାର । ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଆପାତତଃ ୪ଟି ବ୍ୟାଙ୍କରେ ପରିଣତ କରିବାର ପରିକଳ୍ପନା ସରକାରଙ୍କର । ଦୀର୍ଘକାଳ ଧରି କେନ୍ଦ୍ରୀୟ ସରକାରଙ୍କ ନୀତି ହେଉଛି ଜନସାଧାରଣଙ୍କ ଅର୍ଥ ଓ ଶ୍ରମ ବିନିମୟରେ ରେଳ, ବ୍ୟାଙ୍କ, ବିଦ୍ୟୁତ ଭଳି ଯେଉଁ ସମସ୍ତ ଲାଭଜନକ ସରକାରୀ ବା ରାଷ୍ଟ୍ରାୟତ୍ତ ସଂସ୍ଥା ରହିଛି ସେଗୁଡ଼ିକୁ ପୁଞ୍ଜିପତିମାନଙ୍କ ହାତରେ ଟେକି ଦେବା । ଯାହା ଫଳରେ ସେମାନଙ୍କ ବିପୁଳ ସଂପଦର ପରିମାଣକୁ ଆହୁରି ବିପୁଳତର କରି ହେବ ।

ଆଇଡିବିଆଇ(IDBI) ବ୍ୟାଙ୍କର ବେସରକାରୀକରଣ ହେବାକୁ ଯାଉଛି । ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ ବା ଅନ୍ୟାନ୍ୟ ବ୍ୟାଙ୍କଗୁଡ଼ିକରେ ଖର୍ଚ୍ଚ କାଟର ସବୁପ୍ରକାର ନିୟମର ଆଡୁଆଳରେ ସ୍ଥାୟୀ କାର୍ଯ୍ୟରେ କମ୍ ପାରିଶ୍ରମିକ ବିନିମୟରେ ଅସ୍ଥାୟୀ ଚୁକ୍ତି ଭିତ୍ତିକ କର୍ମଚାରୀ ନିଯୁକ୍ତ କରାଯାଉଛି । ହାୟାର ଆଣ୍ଡ ଫାୟାର ବ୍ୟବସ୍ଥା ଚାଲୁ କରାଯାଇଛି । ପ୍ରଚଳିତ ନିଯୁକ୍ତି ପଦ୍ଧତି ବାହାରେ 'ଆପ୍ରେଣ୍ଟିସ୍' ହିସାବରେ କାର୍ଯ୍ୟକରିବା ପାଇଁ ଶିକ୍ଷିତ ଯୁବ ସମାଜକୁ ଆହ୍ୱାନ କରାହେଉଛି । ବର୍ତ୍ତମାନ ବୁଝିବାକୁ ହେବ ଯେ, ଅଧିକରୁ ଅଧିକତର ମୁନାଫା ଲକ୍ଷ୍ୟରେ ଯେଉଁମାନେ ସରକାରୀ ବ୍ୟାଙ୍କ କିଣିବାକୁ ଚାହାଁନ୍ତି, ଏହା ହେଉଛି ସେମାନଙ୍କୁ ପ୍ରଲୁବ୍ଧ କରିବା ପାଇଁ ପଦକ୍ଷେପ ।

ବ୍ୟାଙ୍କର ରାଷ୍ଟ୍ରୀୟକରଣ ପରେ ଏକଦା ଦେଶରେ ୨୭ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଥିଲା । ୨୦୧୭ ମସିହା ବ୍ୟାଙ୍କ ମିଶ୍ରଣ ମାଧ୍ୟମରେ ତାହା ପହଞ୍ଚିଲା ୧୨ଟିରେ । ଯାହାଫଳରେ ଗତ ସାତ ବର୍ଷ ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୩୩୨୧ଟି ଶାଖା ବନ୍ଦ ହୋଇଯାଇଛି । ଗ୍ରାହକମାନଙ୍କ ସମସ୍ୟା ବଢ଼ିଛି । କର୍ମଚାରୀ ସଂଖ୍ୟା ପ୍ରାୟ ୭୪ହଜାର ହ୍ରାସ ପାଇଛି । ଶାଖା ସଂଖ୍ୟା ଏବଂ କର୍ମଚାରୀ ସଂଖ୍ୟା କମିଯିବା ଫଳରେ ବ୍ୟାଙ୍କ ସେବା ନିମ୍ନଗାମୀ ହୋଇଛି । ଯଦିଓ ପରିସେବା ଶୁଳ୍କର କ୍ଷେତ୍ର ଏବଂ ପରିମାଣ ଦୁଇଟି ହିଁ ବଢ଼ିଚାଲିଛି । ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏଲ୍‌ହାବାଦ ବ୍ୟାଙ୍କ ଭଳି ଅନେକଗୁଡ଼ିଏ ବ୍ୟାଙ୍କର ଅସ୍ତିତ୍ୱ ନାହିଁ । ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦ ଅନୁଯାୟୀ ବର୍ତ୍ତମାନର ପରିକଳ୍ପନା ସରକାରୀ ବ୍ୟାଙ୍କ ସଂଖ୍ୟାକୁ

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)

## ବେସରକାରୀ ଲକ୍ଷ୍ୟରେ . . .

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

୧୨ରୁ ହ୍ରାସ କରି ୪ କରିବା। ନୂଆକରି ଏହି ବ୍ୟାଙ୍କମାନଙ୍କର ମିଶ୍ରଣ ବେସରକାରୀକରଣ ପାଇଁ ହିଁ କରାଯାଉଛି।

ବେସରକାରୀ ବ୍ୟାଙ୍କ ଭାଙ୍ଗିପଡିଲେ ତାକୁ ରକ୍ଷାକରେ, ତାହାର ଗ୍ରାହକମାନଙ୍କ ସ୍ୱାର୍ଥ ରକ୍ଷାକରେ ସରକାରୀ ବ୍ୟାଙ୍କ। ଏକଦା ଯେତେବେଳେ ସମସ୍ତ ବ୍ୟାଙ୍କ ବେସରକାରୀ ଥିଲା, ସେତେବେଳେ ବ୍ୟାଙ୍କ କୌଣସି କାରଣରୁ କ୍ଷତିଗ୍ରସ୍ତ ହେଲେ ଏହାର କର୍ମଚାରୀ ଏବଂ ଗ୍ରାହକମାନେ ମଧ୍ୟ ମାରାତ୍ମକ ଭାବରେ କ୍ଷତିଗ୍ରସ୍ତ ହେଉଥିଲେ। ୧୯୧୩ ମସିହାଠାରୁ ୧୯୬୯ ମସିହାରେ ବ୍ୟାଙ୍କ ଜାତୀୟକରଣ ପୂର୍ବରୁ ଏ ଦେଶରେ ୨୧୩୨ଟି ବ୍ୟାଙ୍କରେ ଲାଲବତୀ ଜଳିଥିଲା ଏବଂ ଏହାଫଳରେ ସର୍ବସ୍ୱାନ୍ତ ହୋଇଥିଲେ ବ୍ୟାଙ୍କର ଟଙ୍କା ଜମାକାରୀମାନେ। ବ୍ୟାଙ୍କ କର୍ମଚାରୀମାନେ ଖୋଜିଥିଲେ ନୂଆ ଚାକିରୀ। ବର୍ତ୍ତମାନ ସେହି ରାସ୍ତାରେ ପୁନର୍ବାର ଚାଲିବାପାଇଁ ପରିକଳ୍ପନା ଚାଲିଛି।

ବ୍ୟାଙ୍କଗୁଡିକୁ ମିଶ୍ରଣ କରି ବୃହତ୍ ବ୍ୟାଙ୍କରେ ପରିଣତ କରିବାର ଅସଲ କାରଣ ରିଜର୍ଭ ବ୍ୟାଙ୍କ ରିପୋର୍ଟରୁ ବୁଝି ହେବ। ବ୍ୟାଙ୍କ ମିଶ୍ରଣର ଉପକାର ସଂପର୍କରେ ଏହି ରିପୋର୍ଟରେ କୁହାଯାଇଛି ଯେ, ଏହାଫଳରେ ବ୍ୟାଙ୍କର ବିପୁଳ ପରିମାଣ ଅନାଦେୟ ଋଣ ବା ଏନ୍‌ପିଏ ନିୟନ୍ତ୍ରିତ ହେବ। ତା' ଛଡା ଜମାରାଶି ବା ଅମାନତର ପରିମାଣ ବୃଦ୍ଧି ପାଇବ, ଯାହା ବ୍ୟାଙ୍କ ପାଇଁ ବଡ ଧକ୍କା ସମ୍ଭାଳିବାର କ୍ଷମତା ସୃଷ୍ଟି କରିବ। ବିଶାଳକାୟ ଭାରତୀୟ ବ୍ୟାଙ୍କମାନଙ୍କରୁ ଆନ୍ତର୍ଜାତିକ ବ୍ୟବସାୟ ପାଇଁ ଭାରତୀୟ କମ୍ପାନୀଗୁଡିକ ବହୁ ଅଧିକ ପରିମାଣର ଗ୍ୟାରେଣ୍ଟି ବା ଲେଟର ଅଫ୍ କ୍ରେଡିଟ୍ ପାଇବେ। ସମସ୍ତେ ଜାଣନ୍ତି ବଡ ବଡ କମ୍ପାନୀଗୁଡିକ ବା ପୁଞ୍ଜିପତିମାନେ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଋଣ ନେଇ ପରିଶୋଧ କରନ୍ତି ନାହିଁ ବୋଲି ଏନ୍‌ପିଏ(NPA) ସଂକଟର ସୃଷ୍ଟି। ତା'ହେଲେ ଅସଲ କଥା କ'ଣ? ବ୍ୟାଙ୍କ ବଡ ନ ହେଲେ ବିଜୟ ମାଲ୍ୟା, ନୀରବ ମୋଦି, ମେହୁଲ ଚୋକ୍ସି ଭଳି ଲୁଟେରାମାନେ ମନଇଛା କରି ଲୁଟ କରି ପାରିବେ ନାହିଁ। ବଡ ବଡ ବ୍ୟବସାୟୀମାନଙ୍କ ମୋଟା ଅଙ୍କର ଋଣ ଟଙ୍କା ମାଫ୍ କରାଯିବ। ସେଥିପାଇଁ କ'ଣ ବ୍ୟାଙ୍କ ମିଶ୍ରଣ।

ବେସରକାରୀକରଣ ହେଲେ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କ ୩୧ ପ୍ରତିଶତ ଗ୍ରାମୀଣ ଶାଖାମାନଙ୍କର ଭବିଷ୍ୟତ ଅନ୍ଧକାର ହୋଇପଡିବ। ଅନ୍ୟାନ୍ୟ ସମସ୍ୟା ମଧ୍ୟ ବହୁଗୁଣ ବୃଦ୍ଧି ପାଇବ। ଗରିବ ଏବଂ ଗ୍ରାମୀଣ ଗ୍ରାହକମାନଙ୍କର ବିରାଟ ଏକ ଅଂଶ ବ୍ୟାଙ୍କ ପରିସେବା ବାହାରକୁ ଚାଲିଯିବେ। ଛୋଟ ଚାଷୀ, ଛୋଟ ବ୍ୟବସାୟୀ, ଆର୍ଥିକ ଦିଗରୁ ସମାଜର ପଛୁଆ ବର୍ଗର ଏକ ବିରାଟ ଅଂଶ ବ୍ୟାଙ୍କ ଋଣ ଅଭାବରୁ ଗ୍ରାମୀଣ ମହାଜନମାନଙ୍କଠାରୁ ଚଢ଼ା ହାର ସୁଧରେ ଋଣନେଇ ସର୍ବସ୍ୱାନ୍ତ ହେବେ।

ଦେଶର ମୋଟ ବ୍ୟାଙ୍କ ଅମାନତର ୭୦ ପ୍ରତିଶତ ରହିଛି ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କରେ। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମୋଟ ଜମା ରାଶିର ପରିମାଣ ୧୦୦ଲକ୍ଷ କୋଟି ଟଙ୍କାର ପାଖାପାଖି। ସରକାରଙ୍କର ସହାୟତାରେ ଏହି ବିଶାଳ ପରିମାଣ ଧନରାଶିକୁ ନିୟନ୍ତ୍ରଣ କରିବାକୁ ଚାହୁଁଛି ଏ ଦେଶର ଧନକୁବେର ଗୋଷ୍ଠୀ। ଏହି ଟଙ୍କା ଉପରେ ଭିତ୍ତିକରି ଋଣ ଦିଆଯାଏ। ବ୍ୟାଙ୍କର ଅନାଦେୟ ଋଣ କ୍ରମ ବର୍ଦ୍ଧମାନ। ଏହି ଋଣ ରାଶି ଆଦାୟ ନହେବା ଫଳରେ ଏଗୁଡିକ ବ୍ୟାଙ୍କର ଅନୁତ୍ପାଦକ ସଂପଦ ବା ଏନ୍‌ପିଏ(NPA)ରେ ପରିଣତ ହେଉଛି। ଆଦାୟ ହେଉନଥିବା ଏହି ସଂପଦ ବ୍ୟାଙ୍କ ବ୍ୟବସ୍ଥାକୁ ଦିନକୁ ଦିନ ଦୁର୍ବଳ କରିଦେଉଛି। ସରକାର ବହୁ କ୍ଷେତ୍ରରେ ବଡ ବଡ କର୍ପୋରେଟମାନଙ୍କ ଋଣ ଛାଡ କରିଦେଉଛନ୍ତି ବା ଅନୁତ୍ପାଦକ ସଂପଦର ବୋଝ କମ୍ କରିବାପାଇଁ 'ବ୍ୟାଡ ବ୍ୟାଙ୍କ' ପ୍ରତିଷ୍ଠାନ ମାଧ୍ୟମରେ ପରୋକ୍ଷରେ ଜନଗଣଙ୍କ ଟିକସ ଟଙ୍କାରେ ଗଢିଉଠିଥିବା ସରକାରୀ ତହବିଲରୁ ବ୍ୟାଙ୍କଗୁଡିକୁ ଅର୍ଥ ଯୋଗାଇ ଦିଆଯାଉଛି। ବ୍ୟାଙ୍କ ବେସରକାରୀକରଣ ମଧ୍ୟ ଦେଇ ଜନଗଣଙ୍କର ଅର୍ଥର ଆହୁରି ଯଥେଷ୍ଟ ଅଧିକ ବ୍ୟବହାର ସୁଯୋଗ ପାଇଯିବେ ଏକଚାଟିଆ ପୁଞ୍ଜିର ମାଲିକାନାଧିନ କର୍ପୋରେଟ ସଂସ୍ଥାଗୁଡିକ।

କେନ୍ଦ୍ରୀୟ ସରକାରଙ୍କ ପକ୍ଷରୁ ବ୍ୟାଙ୍କ ବେସରକାରୀକରଣର ଏହି ପ୍ରଚେଷ୍ଟା ସଫଳ ହେଲେ ତାହା କେବଳ ବ୍ୟାଙ୍କ କର୍ମଚାରୀଙ୍କ ଉପରେ ଆଘାତ ଆଣିବ ନାହିଁ, ଏହାଫଳରେ ବ୍ୟାଙ୍କ ଗ୍ରାହକମାନଙ୍କ ସ୍ୱାର୍ଥ ମଧ୍ୟ ହାନି ହେବ। ଏହା ସହିତ ଦେଶର ଦରିଦ୍ର ଲୋକଙ୍କ ଅବସ୍ଥା ଆହୁରି ସଂଗୀନ ହେବ। ସାଧାରଣ ଲୋକଙ୍କ ସହିତ ସମାଜର ସର୍ବସ୍ତରର ମଣିଷଙ୍କ ଆର୍ଥିକ ଦୁରାବସ୍ଥା ଆହୁରି ତ୍ୱରାନ୍ୱିତ ହେବ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବିଭିନ୍ନ ଦାବିରେ ଛାତ୍ର ବିକ୍ଷୋଭ : ଦାବି ପୂରଣ




ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ତୁରନ୍ତ ୟୁଜିସି ମାନ୍ୟତା ପ୍ରଦାନ କରିବା ସହ ସମସ୍ତ ଅଧ୍ୟାପକ, ପ୍ରାଧ୍ୟାପକ ଏବଂ ଶିକ୍ଷା କର୍ମଚାରୀ ପଦବୀ, ସ୍ଥାୟୀ ଭିତ୍ତିରେ ପୂରଣ କରିବା ଦାବିରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା କମିଟି ନେତୃତ୍ୱରେ ଜୁଲାଇ ୨୬ ତାରିଖରେ ଛାତ୍ର ବିକ୍ଷୋଭ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ଖଲିକୋଟ ବିଶ୍ୱବିଦ୍ୟାଳୟରୁ ବାହାରି ଦକ୍ଷିଣାଂଚଳ ରାଜସ୍ୱ କମିଶନ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ତାଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ୟୁଜିସି ଚେୟାରମ୍ୟାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହା ପୂର୍ବରୁ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଗତ ୧୯ ତାରିଖ ଦିନ ଏକ ବିକ୍ଷୋଭ ଅନୁଷ୍ଠିତ ହେବା ସହ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବ୍ରହ୍ମପୁରସ୍ଥିତ ପୂର୍ବର ଖଲ୍ଲିକୋଟ ମହାବିଦ୍ୟାଳୟ (ବର୍ତ୍ତମାନ ଏକକ ବିଶ୍ୱବିଦ୍ୟାଳୟ) ୧୪୭ ବର୍ଷ ପୁରାତନ ରାଜ୍ୟର ଏକ ଐତିହ୍ୟ ସମ୍ପନ୍ନ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ। ସରକାର ଖଲ୍ଲିକୋଟ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା କଲେ ସତ କିନ୍ତୁ ପରିତାପର ବିଷୟ ଆଜି ପର୍ଯ୍ୟନ୍ତ ଏହି ଶିକ୍ଷାନୁଷ୍ଠାନଟି ୟୁଜିସି ମାନ୍ୟତା ପାଇପାରିନାହିଁ । ଏହାଫଳରେ ଏହି ଶିକ୍ଷାନୁଷ୍ଠାନର ଏବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ ହୋଇଛି। ସୂଚନାଯୋଗ୍ୟ ୧୯୯୦ ମସିହାରେ ଖଲ୍ଲିକୋଟ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଘୋଷଣା କରାଯିବା ପରେ ୨୦୧୫ ମସିହାରେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ, ତା'ପରେ ଖଲ୍ଲିକୋଟ ଗବେଷଣା ବିଶ୍ୱବିଦ୍ୟାଳୟ ଏବଂ ୨୦୨୧ ମସିହାରୁ ଏହାକୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭାବେ ନାମିତ କରାଯାଇଛି। କିନ୍ତୁ ୨୦୨୧ ମସିହା ଠାରୁ ଏକକ ବିଶ୍ୱବିଦ୍ୟାଳୟ ହେବା ପରେ ୟୁଜିସି ମାନ୍ୟତା ମିଳିନଥିବା ଯୋଗୁଁ ଏହି ଶିକ୍ଷାନୁଷ୍ଠାନକୁ କୌଣସି ଅନୁଦାନ ମିଳିପାରୁନାହିଁ ଏବଂ ଶିକ୍ଷାର୍ଥୀଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଦତ୍ତ ସାର୍ଟିଫିକେଟ ବୈଧ କି ନୁହେଁ ଏଥି ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ବିଶ୍ୱବିଦ୍ୟାଳୟରେ ୧୧୨ ଅଧ୍ୟାପକ ଓ ୨୫ଟି ଶିକ୍ଷା କର୍ମଚାରୀ ପଦବୀ ଖାଲିପଡିଥିବାରୁ ଶିକ୍ଷାଦାନ ଗୁରୁତର ଭାବରେ ବ୍ୟାହତ ହେଉଛି। ତେଣୁ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏଆଇଡିଏସ୍‌ଓ ରାଜ୍ୟ ସଭାପତି କମ୍ରେଡ୍ ସୋମନାଥ ବେହେରା, ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ଉପସଭାପତି ପପୁନ ସାହୁ, ସମ୍ପାଦକ ନାରାୟଣ ସାହୁ, କିସାନ ସାହୁଙ୍କ ସମେତ ଶୁଭସ୍ମିତା ପାଣିଗ୍ରାହୀ ଆଦି ସଂଗଠନର କର୍ମକର୍ତ୍ତା ଏହି ଆନ୍ଦୋଳନରେ ନେତୃତ୍ୱକାରୀ ଭୂମିକା ପାଳନ କରିଥିଲେ। ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଆନ୍ଦୋଳନ ଫଳରେ ତୁରନ୍ତ ଦାବିପୂରଣ କରାଯିବ ବୋଲି କୁଳପତି ପ୍ରତିଶ୍ରୁତି ଦେଇଛନ୍ତି ଏବଂ ସାମୟିକ ଭାବରେ ଆନ୍ଦୋଳନ ସ୍ଥଗିତ ରହିଛି।

## କେନିଆର ଲଢୁଆ ଜନସାଧାରଣଙ୍କୁ ସଂଗ୍ରାମୀ ଅଭିନନ୍ଦନ

ଆଫ୍ରିକୀୟ ଦେଶ କେନିଆ ବର୍ତ୍ତମାନ ଗଣଆନ୍ଦୋଳନରେ ଉତ୍ତାଳ। ୨୦୨୪ ଜୁନ ଶେଷ ସପ୍ତାହରୁହିଁ ହଜାର ହଜାର ଆନ୍ଦୋଳନକାରୀ କେନିଆର ରାଜପଥକୁ ଓହ୍ଲାଇବା ଆରମ୍ଭ କରିଛନ୍ତି। ରାଜଧାନୀ ନଇରୋବି ସମେତ ଦେଶର ସମସ୍ତ ପ୍ରମୁଖ ସହରରେ ଲଗାତର ସୁସଂହତ ଗଣଆନ୍ଦୋଳନ ଦେଖିବାକୁ ମିଳୁଛି। କେନିଆର ଜାତୀୟ ଋଣ ପରିଶୋଧ କରିବାପାଇଁ ଆବଶ୍ୟକ ଅର୍ଥ ଟିକସ ଆକାରରେ ଜନସାଧାରଣଙ୍କଠାରୁ ଆଦାୟ କରିବା ଉଦ୍ଦେଶ୍ୟରେ ସରକାର ଆଗତ କରିଥିବା ନୂଆ ଅର୍ଥ ବିଲ୍ (New Finance Bill) ୨୦୨୪ ପ୍ରତିବାଦରେ ଏହି ଆନ୍ଦୋଳନ ମୁଣ୍ଡ ଟେକିଛି। ଏହା ପୂର୍ବରୁହିଁ ଜୀବନ ଧାରଣପାଇଁ ଆବଶ୍ୟକ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଏବଂ କ୍ରମବର୍ଦ୍ଧମାନ କର ଭାରରେ ଅତିଷ୍ଠ ଜନସାଧାରଣଙ୍କ ପାଇଁ ସରକାର ଏହି ନୂଆ କର ପ୍ରସ୍ତାବ ଅସହ୍ୟ ହୋଇଛି। ୨୦୨୨ ମସିହାରେ ୱିଲିୟମ ରୁଥୋ ସରକାର କ୍ଷମତାକୁ ଆସିବା ସଙ୍ଗେ ସଙ୍ଗେ ହିଁ ଗୃହନିର୍ମାଣ ଲେଭିକୁ ଶତକଡା ୧୫ ଭାଗ ବୃଦ୍ଧି କରିଥିଲା। ଏହାବ୍ୟତୀତ ସ୍ୱାସ୍ଥ୍ୟସେବା ପାଇଁ ଅଧିକ ଦେୟ ମଧ୍ୟ ଲାଗୁ କରାଯାଇଥିଲା। ମାତ୍ର କେନିଆର ସାଧାରଣ ଲୋକ ଚୂଡାନ୍ତ ଦୁର୍ନୀତି, ସରକାରୀ ଖର୍ଚ୍ଚ କ୍ଷେତ୍ରରେ ପାରଦର୍ଶିତାର ଅଭାବ ଏବଂ ସରକାରଙ୍କର ଅପବ୍ୟୟ ଓ ଆର୍ଥିକ ବିଶୃଙ୍ଖଳାକୁ ଦେଶର ସାଂପ୍ରତିକ ଅର୍ଥନୈତିକ ସଂକଟର କାରଣ ବୋଲି ମନେକରନ୍ତି। ଏଠାରେ ସୂଚନାଯୋଗ୍ୟ ଦାରିଦ୍ର୍ୟ ପ୍ରପୀଡିତ କେନିଆର ସାଧାରଣ ନାଗରିକମାନଙ୍କର ଦୁଃଖ ଦୂର କରିବାର ପ୍ରତିଶ୍ରୁତି ଦେଇ ରୁଥୋ ସରକାର କ୍ଷମତାକୁ ଆସିଥିଲା। ମାତ୍ର ପ୍ରବଳ ମୁଦ୍ରାସ୍ଫିତି ଫଳରେ ହାହାକାର କରୁଥିବା ସାଧାରଣ ଲୋକଙ୍କ ଉପରେ ଅଧିକ କର ଟିକସ ଲଦିଦେଇ ସରକାର ଜନସାଧାରଣଙ୍କ ଜୀବନକୁ ଆହୁରି ଦୁର୍ବିସହ କରୁଛି। ବିଭିନ୍ନ ଜନଗୋଷ୍ଠୀ(Ethnicity)ର ଲୋକଙ୍କୁ ସେମାନଙ୍କ ଅର୍ଥନୈତିକ ଦାବି ଉପରେ ଏକଜୁଟକରି ମିଳିତ ଗଣତାନ୍ତ୍ରିକ ଆନ୍ଦୋଳନ କେନିଆରେ ଏକ ନୂତନ ଇତିହାସ ସୃଷ୍ଟିକରିଛି। ଏହା ପୂର୍ବରୁ କେନିଆରେ ବିଭିନ୍ନ ଗୋଷ୍ଠୀର କିଛି କିଛି ସମସ୍ୟାକୁ ନେଇହିଁ ଆନ୍ଦୋଳନ ଦେଖିବାକୁ ମିଳୁଥିଲା। ଏହି ଆନ୍ଦୋଳନ ପ୍ରାୟତଃ ବିଭିନ୍ନ ଜନଗୋଷ୍ଠୀ ମଧ୍ୟରେ ଭାତୃଘାତୀ ସଂଘର୍ଷର ରୂପ ନେଉଥିଲା। ମାତ୍ର ବର୍ତ୍ତମାନ ସଂପୂର୍ଣ୍ଣ ନୂଆ ଧରଣର ଆନ୍ଦୋଳନ ଦେଖିବାକୁ ମିଳୁଛି।

ଏହି ଆନ୍ଦୋଳନ ଶକ୍ତି ସଂଚାର କରିବାପରେ ରାଷ୍ଟ୍ରପତି ରୁଥୋ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, 'ତାଙ୍କ ସରକାର ନୀତି ବିରୁଦ୍ଧରେ ନ୍ୟାୟ ସଂଗତ ଆନ୍ଦୋଳନକୁ ଦଳେ ସଂଗଠିତ ଅପରାଧୀ ହାତକୁ ନେଇ ଯାଇଛନ୍ତି।' ସେ ଆହୁରି ମଧ୍ୟ ଧମକ ଦେଇଛନ୍ତି ଯେ, 'ଯେକୌଣସି ମୂଲ୍ୟଦେଇ, ସେ ହିଂସାକୁ ରୋକିବେ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସ୍ୱାଭାବିକ କରିବେ।' ରାଷ୍ଟ୍ରପତିଙ୍କର ଏହି ଧମକ ପରେ ପରେ ଆନ୍ଦୋଳନକାରୀମାନଙ୍କ ଉପରେ ପୁଲିସ ଅତ୍ୟାଚାର ବହୁଗୁଣ ବୃଦ୍ଧି ପାଇଥିଲା ଏବଂ ଗୋଟିଏ ଦିନରେ ହିଁ ୫ଜଣଙ୍କୁ ପୁଲିସ ଗୁଳିକରି ହତ୍ୟା କରିଥିଲା। ଏହାବ୍ୟତୀତ ପାଖାପାଖି ୧୦୦୦ରୁ ଊର୍ଦ୍ଧ୍ୱ ଗୁରୁତର ଭାବରେ ଆହତ ହୋଇଥିଲେ। ରାଷ୍ଟ୍ରପତିଙ୍କ ଅଭିଯୋଗର ଉତ୍ତରରେ ଆନ୍ଦୋଳନର ନେତାମାନଙ୍କ ପକ୍ଷରୁ କୁହାଯାଇଛି ଯେ ସରକାରଙ୍କ ପ୍ରୋତ୍ସାହନରେ କାୟେମୀ ସ୍ୱାର୍ଥପର ଗୋଷ୍ଠୀଦ୍ୱାରା ଦେଶରେ ହିଂସାକାଣ୍ଡ ଘଟାଯାଉଛି ଏବଂ ହିଂସାକାଣ୍ଡ ରୋକିବା ଆଳରେ ଆନ୍ଦୋଳନକାରୀମାନଙ୍କ ଉପରେ ଅତ୍ୟାଚାର କରାଯାଉଛି। ସେମାନେ ଆହୁରି କହିଛନ୍ତି ରାଷ୍ଟ୍ରର ପରିଚାଳକମାନେ ଏହା ବୁଝିଛନ୍ତି ଯେ ନ୍ୟାୟସଂଗତ ଆନ୍ଦୋଳନକୁ ଧ୍ୱଂସ କରିବାପାଇଁ ଏହି ଧରଣର ଭଡାଟିଆ ଗୁଣ୍ଡାମାନଙ୍କୁ ବ୍ୟବହାରକରି ହିଂସାକାଣ୍ଡ, ଭଙ୍ଗାରୁଜା ଓ ଅଗ୍ନିକାଣ୍ଡ ଘଟାଇବାହିଁ ଏକମାତ୍ର ରାସ୍ତା। ଜୁନ ମାସ ଶେଷ ସପ୍ତାହରେ କର ଟିକସ ବୃଦ୍ଧି ପ୍ରତିବାଦରେ ଆରମ୍ଭ ହୋଇଥିବା ଆନ୍ଦୋଳନ ପୁଲିସର ଲାଠିମାଡ ଓ ଲୁହବୁହା ଗ୍ୟାସ ମାଡ ସତ୍ତ୍ୱେ ମଧ୍ୟ ସଂପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଥିଲା। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ପ୍ରତିବାଦକାରୀମାନେ ଦେଶର ସଂସଦ ଘେରାଓ କରିବାପାଇଁ ଉଦ୍ୟମ କରିବା ଏବଂ ସେମାନଙ୍କର ମଧ୍ୟରୁ ୨୦ରୁ ଅଧିକ ଆନ୍ଦୋଳନକାରୀଙ୍କର ପୁଲିସ ଗୁଳିରେ ମୃତ୍ୟୁ ହେବା ପରେ ଏହି ଆନ୍ଦୋଳନରେ ହିଂସାକାଣ୍ଡ ଘଟିବା ଲକ୍ଷ୍ୟ କରାଯାଇଛି। ମାନବାଧିକାର ସୁରକ୍ଷା

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

# ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘର ବାଲିପାଟଣା ବ୍ଲକ୍ ସ୍ତରୀୟ ସମ୍ମିଳନୀ




ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘର ବାଲିପାଟଣା ବ୍ଲକ୍ ସ୍ତରୀୟ ସମ୍ମିଳନୀ ଜୁଲାଇ ୨୧ ତାରିଖ ଦିନ ସ୍ଥାନୀୟ ବିଶ୍ୱନାଥପୁର ଠାରେ ଅନୁଷ୍ଠିତ ହୋଇଛି। ଏଆଇୟୁଟିୟୁସି ରାଜ୍ୟ କମିଟି ସଭ୍ୟ କମ୍ରେଡ ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ରାଜକିଶୋର ମଲ୍ଲିକ ମୁଖ୍ୟ ବକ୍ତା, ପାଚିକା ସହାୟିକା ସଂଘର ସଂଗଠକ କମ୍ରେଡ ଜଗନ୍ନାଥ ରାୟ ଅନ୍ୟତମ ବକ୍ତା ଭାବେ ବକ୍ତବ୍ୟ ରଖିଥିଲେ । ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ମାସିକ ପାରିଶ୍ରମିକ ବୃଦ୍ଧି, ବର୍ଷକୁ ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ, ଅବସର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି ଏବଂ ଅବସର ସମୟରେ ୨ ଲକ୍ଷ ଟଙ୍କା ପ୍ରଦାନ, ବର୍ତ୍ତମାନ ପର୍ଯ୍ୟନ୍ତ ୨୮ ମାସର ବର୍ଦ୍ଧିତ ପାରିଶ୍ରମିକ ପାଇବାରୁ ବଂଚିତ ହୋଇଥିବା ପାଚିକା ସହାୟିକା ମାନଙ୍କୁ ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା ଓ ଅନ୍ୟାନ୍ୟ ଦାବିରେ ଆଗାମୀ ଦିନରେ ଏକ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବା ପାଇଁ ଏବଂ ୨୦୨୪ ମସିହା ଡିସେମ୍ବର ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁଥିବା ଏଆଇୟୁଟିୟୁସିର ୨୨ତମ ସର୍ବଭାରତୀୟ ସମ୍ମିଳନୀକୁ ସଫଳ କରିବା ନିମନ୍ତେ ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ସୁମିତ୍ରା ବେହେରା ବ୍ଲକ୍ ସଭାନେତ୍ରୀ ଏବଂ ପୁଷ୍ପିତା ଓଝା ସଂପାଦିକା ଭାବରେ ନିର୍ବାଚିତ ହୋଇଥିଲେ। ଏହାବ୍ୟତୀତ ଏକ ୧୭ ଜଣିଆ ବ୍ଲକ୍ କମିଟି ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲା।

# ଦେଶରେ ଟିବି ରୋଗର ଔଷଧ ଅଭାବ : ରୋଗୀ ଭୟାବହ ପରିସ୍ଥିତିର ସମ୍ମୁଖୀନ

ଦେଶରେ ସାଧାରଣ ନିର୍ବାଚନ ଓ ଆମ ରାଜ୍ୟରେ ବିଧାନସଭା ପାଇଁ ଆଡମ୍ବରପୂର୍ଣ୍ଣ ଓ ବ୍ୟୟ ବହୁଳ ନିର୍ବାଚନ ପ୍ରଚାର ଚାଲିଥିଲାବେଳେ ଦେଶର ଲକ୍ଷ ଲକ୍ଷ ଟିବି ରୋଗୀ ଓ ସେମାନଙ୍କର ପରିବାର ବର୍ଗଙ୍କର କରୁଣ ଅବସ୍ଥା ଲୋକଲୋଚନର ଅନ୍ତରାଳରେ ରହିଯାଇଥିଲା। ସମଗ୍ର ଦେଶରେ ଟିବି ଔଷଧର ଅଭାବ ଏବଂ ଅନିୟମିତ ଯୋଗାଣ ଏହି ଧରଣର ମାରାତ୍ମକ ସଂକଟ ସୃଷ୍ଟି କରିଛି। ଏହି ଅଭାବ ବର୍ତ୍ତମାନ ଅତ୍ୟନ୍ତ ସଂକଟଜନକ ସ୍ତରରେ ପହଂଚିଛି। ସେଥିପାଇଁ ରୋଗୀମାନଙ୍କୁ ଆବଶ୍ୟକତାଠାରୁ କମ୍ ପରିମାଣର ଔଷଧ ଖାଇ ଭାଗ୍ୟକୁ ଆଦରି ପଡିରହିବାକୁ ହେଉଛି। ଏକଥା ସମସ୍ତେ ଜାଣନ୍ତି ଯେ, ଆବଶ୍ୟକ ଡୋଜରେ ଏବଂ ନିୟମିତ ଭାବରେ ଟିବି ଔଷଧ ସେବନ କରାନଗଲେ ଟିବି ଜୀବାଣୁ ଉପରେ ଆଉ ଔଷଧ କାମ କରେନାହିଁ। ଏହାକୁ ଡ୍ରଗ୍ ରେଜିଷ୍ଟାନ୍ସ(Drug Resistance) ଅବସ୍ଥା କୁହାଯାଏ। ଏହି ଅବସ୍ଥାରେ ଟିବି ରୋଗୀ ରୋଗମୁକ୍ତ ହେବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡେ। ସେଥିପାଇଁ ବର୍ତ୍ତମାନ ଟିବି ଔଷଧର ଅନିୟମିତ ଯୋଗାଣ ଓ ଉତ୍କଟ ଅଭାବ ଫଳରେ ସୃଷ୍ଟି ହେଉଥିବା Drug Resistance ରୋଗୀମାନେ ମଧ୍ୟ ମୃତ୍ୟୁ ମୁଖରେ ପଡିବା ପ୍ରାୟ ନିଶ୍ଚିତ।

କେବଳ ସେତିକି ନୁହେଁ ଅନ୍ୟ ଏକ ପ୍ରକାର ଗୁରୁତର ଟିବି ରୋଗ(Multi Drug Resistance) ପାଇଁ ମଧ୍ୟ ଦେଶର ଅନେକ ରାଜ୍ୟ ଓ ଅଂଚଳର ଔଷଧ ମିଳୁନାହିଁ। ଜନସ୍ୱାସ୍ଥ୍ୟ କ୍ଷେତ୍ରରେ କାମ କରୁଥିବା ଦେଶର ପ୍ରମୁଖ ସଂଗଠନ ମେଡିକାଲ ସର୍ଭିସ ସେଣ୍ଟର(Medical Service Centre) ସମେତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାମ କରୁଥିବା ବହୁ ସଂଗଠନ ଓ ବ୍ୟକ୍ତିବିଶେଷମାନଙ୍କର ବାର ବାର ଦାବି ସତ୍ତ୍ୱେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏହି ଧରଣର ଏକ ଗୁରୁତର ସମସ୍ୟାର ସମାଧାନ ପାଇଁ କୌଣସି କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରିନାହାନ୍ତି।

ଗୋଟିଏ ଦିଗରେ ଟିବି ରୋଗୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଏହି ଧରଣର ସଂକଟ ଲାଗିରହିଥିଲାବେଳେ ସରକାର ମହା ଆଡମ୍ବରରେ ବିଶ୍ୱ ଟିବି ଦିବସ ପାଳନ କରୁଛନ୍ତି। ଅନ୍ୟଦିଗରେ ସରକାରୀ ଡାକ୍ତରଖାନାକୁ ଆବଶ୍ୟକ ପରିମାଣର ଔଷଧ ଯୋଗାଇବା ପରିବର୍ତ୍ତେ ସରକାର ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ କିଛି ଟଙ୍କା ଦେଇ ସେହି ଟଙ୍କାରେ ବଜାରରୁ ଔଷଧ କିଣିବାପାଇଁ ନିର୍ଦ୍ଦେଶ ଜାରୀ କରିଛନ୍ତି। ବାସ୍ତବିକ ସରକାରଙ୍କର ନିଷ୍ପତ୍ତି ବଡ ବିଚିତ୍ର ! ଯେଉଁ ଔଷଧ ବଜାରରେ ମିଳୁନାହିଁ ସେହି ଔଷଧ ବଜାରରୁ ଖରିଦ କରିବାପାଇଁ ସରକାରୀ ଡାକ୍ତରଖାନାମାନଙ୍କୁ ଟଙ୍କା ଦିଆଯାଉଛି। ଏହିଭଳି ଦାୟିତ୍ୱହୀନ କାମକରି ସରକାର ନିଜ ମୁଣ୍ଡରୁ ଦୋଷ ଛଡାଇ ଦେଇଛନ୍ତି ଏବଂ ଅନ୍ୟପଟରେ ରୋଗୀମାନଙ୍କୁ ମୃତ୍ୟୁ ମୁହଁରେ ଛାଡି ଦେଇଛନ୍ତି।

ସୂଚନାଯୋଗ୍ୟ ପୃଥିବୀର ସବୁଠାରୁ ଅଧିକ ସଂଖ୍ୟକ ଟିବି ରୋଗୀ ଭାରତରେ ହିଁ ବାସ କରନ୍ତି ଏବଂ ସେମାନଙ୍କ ସଖ୍ୟା ବିପୁଳ। ଏହିଭଳି ବିପୁଳ ସଂଖ୍ୟକ ଗୁରୁତର ରୋଗୀମାନଙ୍କ ପ୍ରତି ଏହି ଧରଣର ସରକାରୀ ଅବହେଳା ସଂପର୍କରେ ଆମଦେଶର ମୁଖ୍ୟ ଧାରାର ଗଣମାଧ୍ୟମ ନିରବ। ତଥାକଥିତ ମୁଖ୍ୟ ବିରୋଧୀ ଦଳମାନେ ମଧ୍ୟ ନିରବ। ଏହି ପରିସ୍ଥିତିରେ ଦେଶର ଲକ୍ଷ ଲକ୍ଷ ଟିବି ରୋଗୀଙ୍କର ଜୀବନ ବଂଚାଇବା ଏବଂ ଏହି ମାରାତ୍ମକ ରୋଗ ବ୍ୟାପିବାକୁ ନିୟନ୍ତ୍ରଣ କରିବାପାଇଁ ସମସ୍ତ ସ୍ତରର ଜନସାଧାରଣଙ୍କୁ ଐକ୍ୟବଦ୍ଧ ଭାବରେ ଟିବି ରୋଗୀମାନଙ୍କର ଚିକିତ୍ସାର ଅଧିକାରର ସୁରକ୍ଷାପାଇଁ ଆଗେଇ ଆସିବାକୁ ଆମେ ନିବେଦନ କରୁଛୁ।

★★★

# ବିଧାନସଭା ସମ୍ମୁଖରେ ବସ୍ତି ବାସିନ୍ଦାଙ୍କ ମିଳିତ ମଂଚ




ସମ୍ପ୍ରତି ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଦ୍ୱାରା ସମସ୍ତ ସରକାରୀ ଜମିରୁ ଜବରଦଖଲ କରାଯିବ ବୋଲି ଘୋଷଣା ପରିପ୍ରେକ୍ଷୀରେ ବସ୍ତି ବାସିନ୍ଦା ମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। କୌଣସି ପ୍ରକାର ଉଚ୍ଛେଦ ପୂର୍ବରୁ ସମସ୍ତ ବସ୍ତି ବାସିନ୍ଦାଙ୍କୁ ମହାନଗର ନିଗମ ଆଇନ ଅନୁଯାୟୀ କର୍ମସ୍ଥଳରେ ଉପଯୁକ୍ତ ଥଇଥାନ କରିବା, ତାଲିକାଭୁକ୍ତ ଟେନେବଲ ବସ୍ତି (Tenable Slums) ଗୁଡିକୁ ପଟ୍ଟା ଦେବା, ସମସ୍ତ ବସ୍ତି ବାସିନ୍ଦାଙ୍କୁ ପଟ୍ଟା ଓ ଘର ଯୋଗାଇ ଦେବା ଓ ବସ୍ତି ବାସିନ୍ଦାମାନଙ୍କୁ ୪୦୦ ବର୍ଗ ଫୁଟର ଜାଗା ଦେବା ପାଇଁ ବସ୍ତି ବାସିନ୍ଦାଙ୍କ ମିଳିତ ମଂଚ ପକ୍ଷରୁ ଦାବି କରାଯାଇଛି।ଏହି ଦାବିରେ ଜୁଲାଇ ୨୪ ତାରିଖରେ ମଞ୍ଚ ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ୫ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବସ୍ତି ବାସିନ୍ଦାଙ୍କ ମିଳିତ ମଂଚର ଆବାହକ ଖଗେଶ୍ୱର ସେଠୀ, ଦୀପକ ଦାସ, ସୁକାନ୍ତ ନାୟକ, ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତି ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।

★★★

# ମେଡ଼ିକାଲ ସର୍ଭିସ ସେ୍ଟର ପକ୍ଷରୁ ଟିବି ଔଷଧ ଯୋଗାଣ ଦାବିରେ ଦାବିପତ୍ର




କେନ୍ଦ୍ର ସରକାର ଠିକଣା ସମୟରେ ଆବଶ୍ୟକ ପରିମାଣରେ ଟିବି ଔଷଧ ଯୋଗାଇ ନଦେବାରୁ ଟିବି ରୋଗୀ ମାନଙ୍କ ଚିକିତ୍ସା କ୍ଷେତ୍ରରେ ଗୁରୁତର ସଙ୍କଟ ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ ତୁରନ୍ତ ଟିବି ଔଷଧ ଯୋଗାଣ କୁ ସ୍ୱାଭାବିକ କରିବା ଦାବିରେ ଜୁନ ୨୬ ତାରିଖରେ ମେଡ଼ିକାଲ ସର୍ଭିସ ସେଣ୍ଟର, ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହା ସହିତ ସଂଗଠନର ଏକ ପ୍ରତିନିଧି ଦଳ ରାଜ୍ୟ ଟିବି ଅଫିସର ଙ୍କୁ ସାକ୍ଷାତ କରି ତାଙ୍କ ସହିତ ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ଦଳରେ ପ୍ରଫେସର ରତ୍ନାକର ପଣ୍ଡା, ଡାକ୍ତର ମନୋରଞ୍ଜନ ମହାକୁଡ, ଡାକ୍ତର ସଂଗ୍ରାମ ବ୍ରହ୍ମ, ଡାକ୍ତର ସଞ୍ଜୟ ଦାସ, ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ବିଶ୍ୱାଳ ଓ ସଂଗଠନର ରାଜ୍ୟ ସମ୍ପାଦକ ଡାକ୍ତର ପ୍ରାଜ୍ଞ ଅନିର୍ବାଣ ପ୍ରମୁଖ ସାମିଲ ହୋଇଥିଲେ।

## କେନିଆର ଲଢୁଆ . . .

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ସଂଗଠନମାନଙ୍କ ସୂତ୍ରରୁ ପ୍ରକାଶ ଯେ, ଏହି ଗୁଳିକାଣ୍ଡରେ ୨୨ଜଣଙ୍କର ମୃତ୍ୟୁ ହୋଇଛି ଏବଂ ହଜାରରୁ ଅଧିକ ଅତ୍ୟନ୍ତ ଗୁରୁତର ଭାବରେ ଆହତ ହୋଇଛନ୍ତି। ଗୁଳିକାଣ୍ଡର ପ୍ରତିକ୍ରିୟାରେ ଆନ୍ଦୋଳନର ନେତା ହନିଫା ଆଦାନ କହିଛନ୍ତି- 'ତୁମେ ଆମ ସମସ୍ତଙ୍କୁ ଗୁଳିକରି ହତ୍ୟା କରିପାରିବ ନାହିଁ, ମାତ୍ର ଆମେ ତୁମର କୁକର୍ମକୁ ଭୁଲିବୁ ନାହିଁ।' ଆଉ ଜଣେ କର୍ମକର୍ତ୍ତା କହିଛନ୍ତି,- 'ଆମର ସରକାରଙ୍କ ସହିତ କଥାବାର୍ତ୍ତା କରିବାର କିଛି ନାହିଁ, ଆମର ଯାହା ଆବଶ୍ୟକ ତା' ହେଉଛି ଭଲକରି ବଂଚିବାର ସୁବିଧା ସୁଯୋଗ। ଆମଠୁ ଆଦାୟ କରାଯାଉଥିବା ଅର୍ଥରେ ମୁଷ୍ଟିମେୟ ଲୋକଙ୍କ ବିଳାସିତା ବନ୍ଦ ହେବା ଆମେ ଚାହୁଁ। ସାଧାରଣ ଲୋକ ଏବଂ ରାଜନେତା ତଥା ଧନୀକ ବର୍ଗ ମଧ୍ୟରେ ଥିବା ଅର୍ଥନୈତିକ ବୈଷମ୍ୟ ହ୍ରାସ ପାଇବା ଜରୁରୀ।' ଆମ୍ନିଷ୍ଟି ଇଣ୍ଟରନେସନାଲ(Amnisty International) ପକ୍ଷରୁ ଜାରୀ କରାଯାଇଥିବା ବିବୃତିରେ କୁହାଯାଇଛି 'ପ୍ରତ୍ୟେକଟି ହତ୍ୟାର ଦାୟିତ୍ୱ ରାଷ୍ଟ୍ରପତି ରଥୋଙ୍କର; ସେ ଦାୟିତ୍ୱ ଏଡାଇ ଯାଇପାରିବେ ନାହିଁ।'

ଶେଷରେ ଜନସାଧାରଣଙ୍କର ଏକନିଷ୍ଠ ଲଢେଇ ଫଳରେ ଇତିମଧ୍ୟରେ ସରକାର ପ୍ରସ୍ତାବିତ ବିଲକୁ ପ୍ରତ୍ୟାହାର କରି ନେଇଛନ୍ତି। ମାତ୍ର ସରକାରଙ୍କର ଏହି ପଦକ୍ଷେପ ଜନସାଧାରଣଙ୍କର ସରକାର ବିରୋଧୀ କ୍ରୋଧକୁ ପ୍ରଶମିତ କରିପାରି ନାହିଁ।

ଅଲ ଜଜିରା ସମ୍ବାଦ ସଂସ୍ଥାକୁ ଦେଇଥିବା ଏକ ସାକ୍ଷାତକାରରେ ଜନୈକ ରାଜନୈତିକ ସମୀକ୍ଷକ କହିଛନ୍ତି ଯେ- 'ବିଗତ କିଛିଦିନ ଧରି ଚାଲିଥିବା ପ୍ରତିବାଦ ଆନ୍ଦୋଳନ, ବିଶେଷକରି ପାର୍ଲାମେଣ୍ଟ ଅଭିଯାନ ଏବଂ ଏହାପରେ ବିବାଦୀୟ ବିଲ ପ୍ରତ୍ୟାହାର କରାଯିବା ସରକାରର ବୈଧତା ଉପରେ ପ୍ରଶ୍ନ ଉତ୍ଥାପନ କରୁଛି।' ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ସ୍ତରର ସରକାର

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

# ବିଜେପି ଦଳର ନିର୍ବାଚନୀ ପ୍ରତିଶୃତି ଓ ରାଜ୍ୟ ବଜେଟ୍

ଇତିମଧ୍ୟରେ ରାଜ୍ୟ ବିଜେପି ସରକାର ଏହାର ପ୍ରଥମ ବଜେଟ ଉପସ୍ଥାପନ କରିଛି। ଏଠାରେ ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ, ରାଜ୍ୟରେ ବିଜେପି ଦଳ ପ୍ରଥମଥର ପାଇଁ କ୍ଷମତାସୀନ ହୋଇନାହିଁ। ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେପି ଦଳ ବିଜେଡି ସହିତ ମିଳିତ ଭାବରେ ରାଜ୍ୟରେ ଶାସନ କରିଥିଲା। ଏହି ମିଳିତ ମନ୍ତ୍ରୀମଣ୍ଡଳରେ ବିଜେପି ଦଳର ବିଧାୟକମାନେ ରାଜସ୍ୱ, ସହରାଂଚଳ ଉନ୍ନୟନ, ଉଚ୍ଚଶିକ୍ଷା, ବାଣିଜ୍ୟ ଓ ପରିବହନ ସମେତ ଅନ୍ୟକେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଥିଲେ। କେବଳ ସେତିକି ନୁହେଁ ୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟରେ କାର୍ଯ୍ୟତଃ ବିଜେଡି ବିଜେପି ମିଳିତ ସରକାରହିଁ କ୍ଷମତାରେ ରହିଥିଲା। କେନ୍ଦ୍ର ବିଜେପି ସରକାରର ପ୍ରତିଟି ନିଷ୍ପତ୍ତିକୁ ବିଜେଡି ଦଳ ନିସର୍ତ୍ତ ସମର୍ଥନ ଦେଉଥିଲା ଏବଂ ରାଜ୍ୟ ବିଜେଡି ସରକାରର କୌଣସି ଗୋଟିଏ ହେଲେ ଜନବିରୋଧୀ ପଦକ୍ଷେପକୁ ବିଜେପି ବିରୋଧ କରୁନଥିଲା। ସୁତରାଂ ଗତ ନିର୍ବାଚନରେ ବିଜେପି ଦଳ ଏକକ ସଂଖ୍ୟାଗରିଷ୍ଠତା ଲାଭକରି ସରକାର ଗଠନ କରିଥିଲେ ମଧ୍ୟ ବିଜେପି ଗତ ୨୪ବର୍ଷ ଧରି ରାଜ୍ୟରେ ସିଧାସଳଖ ବା ପ୍ରକାରାନ୍ତରେ ସରକାରୀ କ୍ଷମତା ଉପଭୋଗ କରିଆସୁଛି ଏବଂ ଏହି ଦଳର ସରକାର ରାଜ୍ୟରେ ନୂଆକରି କ୍ଷମତାସୀନ ହୋଇନାହିଁ।

ଗତ ସାଧାରଣ ନିର୍ବାଚନ ସହିତ ଅନୁଷ୍ଠିତ ହୋଇଥିବା ରାଜ୍ୟ ବିଧାନସଭା ନିର୍ବାଚନରେ ବିଜେପି ଦଳ ପକ୍ଷରୁ ରାଜ୍ୟବାସୀଙ୍କୁ ନାନାଧରଣର ଲମ୍ବା ଚଉଡା ଓ ମନଲୋଭା ପ୍ରତିଶୃତି ଦିଆଯାଇଥିଲା। ୨୦୩୬ ମସିହା ସୁଦ୍ଧା ଓଡିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା, ପ୍ରତ୍ୟେକ ବିଦ୍ୟୁତ ଗ୍ରାହକଙ୍କୁ ୩୦୦ୟୁନିଟ ବିଜୁଳି ଶୁଳ୍କ ଛାଡ କରିବା, ପ୍ରତ୍ୟେକ ମହିଳାଙ୍କୁ ୫୦ହଜାର ଲେଖାଏଁ ଟଙ୍କା ଦେବା, ୧ଟଙ୍କାରେ ଲୋକଙ୍କୁ ଚାଉଳ, ଡାଲି, ଯୋଗାଇବା ଭଳି ମନଲୋଭା ପ୍ରତିଶୃତି ଦେଇ ବିଜେପି ଦଳ ରାଜ୍ୟରେ କ୍ଷମତାସୀନ ହୋଇଥିଲା। ସ୍ୱାଭାବିକି ଭାବରେ ଆଶା କରାଯାଉଥିଲା ଯେ ସରକାର ପ୍ରଥମ ବଜେଟ୍‌ରେ ବିଜେପି ଏହାର ନିର୍ବାଚନୀ ପ୍ରତିଶୃତି ପୂରଣ କରିବାପାଇଁ ଆବଶ୍ୟକ ବ୍ୟୟ ବରାଦ କରିବ। ମୁଖ୍ୟମନ୍ତ୍ରୀ ତାଙ୍କ ଦ୍ୱାରା ଆଗତ କରାଯାଇଥିବା ଏହି ବଜେଟକୁ ଖେଳ ପଲଟାଇ ଦେବା(Game Changer) ପାଇଁ ଉଦ୍ଦିଷ୍ଟ ବୋଲି ବିଜେପି ନେତାମାନଙ୍କ ସ୍ୱରରେ ସ୍ୱର ମିଳାଇ ଦାବି କରିଛନ୍ତି। ଯଥାରୀତି ଏହି ବଜେଟ୍ ଏକ ବିକଶିତ ଓଡିଶାର ସ୍ୱପ୍ନକୁ ସାକାର କରିବାପାଇଁ ଉଦ୍ଦିଷ୍ଟ ବୋଲି ସରକାରୀ ମୁଖପତ୍ରରେ ପରିଣତ ହୋଇଥିବା ରାଜ୍ୟର ମୁଖ୍ୟଧାରାର ଗଣମାଧ୍ୟମ ପ୍ରଚାର କରୁଛି। ବର୍ତ୍ତମାନ ଆସନ୍ତୁ ଦେଖିବା ଏହି ବଜେଟ୍ ମାଧ୍ୟମରେ ବିଜେପି ଦଳର ଲମ୍ବା ଚଉଡା ନିର୍ବାଚନୀ ପ୍ରତିଶୃତି ପୂରଣ କରିବାପାଇଁ ସରକାର କେତେଦୂର ଉଦ୍ୟମ କରିଛନ୍ତି।

ପ୍ରଥମତଃ ସରକାରଙ୍କର ମୁଖ୍ୟ କାମ ହୋଇଛି ଯୋଜନାର ନାମ ପରିବର୍ତ୍ତନ। ପୂର୍ବ ବିଜେଡି ସରକାର ଦ୍ୱାରା ପ୍ରଣୟନ କରାଯାଇଥିବା ପ୍ରାୟ ୪୫ରୁ ଉର୍ଦ୍ଧ୍ୱ ଯୋଜନାର ନାମ ପରିବର୍ତ୍ତନ କରି ଏହି ସରକାର ଗେମ ଚେଞ୍ଜର ହେବା ପରିବର୍ତ୍ତେ ନିଜକୁ ନାମ ପରିବର୍ତ୍ତନକାରୀ ବା ନେମ ଚେଞ୍ଜର(Name Changer) ବୋଲି ପ୍ରମାଣିତ କରିଛି। ଉଲ୍ଲେଖଯୋଗ୍ୟ ଏହି ଯୋଜନା ମଧ୍ୟରୁ ଅନେକ ଯୋଜନାକୁ ବିଜେପି ଦଳ ପକ୍ଷରୁ ସମାଲୋଚନା କରାଯାଉଥିଲା ଏବଂ ଏହି ସବୁ ଯୋଜନାଦ୍ୱାରା ରାଜ୍ୟବାସୀ ପ୍ରକୃତରେ ଉପକୃତ ହେଉନାହାନ୍ତି ବୋଲି ଅଭିଯୋଗ ମଧ୍ୟ କରାଯାଉଥିଲା। ସବୁଠାରୁ ହାସ୍ୟାସ୍ପଦ ହେଉଛି ଯୋଜନାର ନାମ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଇତି ମଧ୍ୟରେ ବସ୍ ଠାରୁ ଆରମ୍ଭକରି ହୋର୍ଡିଂ ପର୍ଯ୍ୟନ୍ତ ସବୁକିଛିର ରଂଗ ପରବର୍ତ୍ତନ କରି ଏହି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି। ଅନ୍ୟପଟରେ ପୂର୍ବତନ ବିଜେଡି ସରକାରର ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବାପାଇଁ ବିଜେପି ସରକାର ବଜେଟ୍‌ର ୮୦ଭାଗ ଅର୍ଥ ବ୍ୟୟ କରିବାର ପ୍ରସ୍ତାବ ରଖିଛି।

ଦ୍ୱିତୀୟତଃ, ବିଜେପିର ଅନ୍ୟତମ ମୁଖ୍ୟ ନିର୍ବାଚନୀ ପ୍ରତିଶୃତି ହେଉଛି ସୁଭଦ୍ରା ଯୋଜନା। ଏହି ଯୋଜନା ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ମୁଣ୍ଡପିଛା ୫୦ହଜାର ଲେଖାଏଁ ଟଙ୍କା ଦିଆଯିବବୋଲି ବିଜେପି ଏହାର ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଥିଲା। ମୋଟାମୋଟି ହିସାବରେ ରାଜ୍ୟରେ ଦୁଇକୋଟିରୁ ଅଧିକ ମହିଳା ଅଛନ୍ତି। ପ୍ରତ୍ୟେକ ମହିଳାଙ୍କୁ ୫୦ହଜାର ଲେଖାଏଁ ଟଙ୍କା ଦେଲେ ସରକାରଙ୍କୁ ୧ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ। ମାତ୍ର ବଜେଟ୍‌ରେ ଏହି ଯୋଜନାପାଇଁ ମାତ୍ର ୧୦ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ଅତିବେଶୀରେ ରାଜ୍ୟର ଶତକଡା ୧୦ଭାଗ ମହିଳାହିଁ ଉପକୃତ ହେବାର ସମ୍ଭାବନା ରହିଛି। ଆହୁରି ମଧ୍ୟ ଏହି ଯୋଜନାର ରୂପରେଖ ସଂପର୍କରେ ସରକାର କୌଣସି ବିଷଦ ତଥ୍ୟ ଏପର୍ଯ୍ୟନ୍ତ ପ୍ରକାଶ କରିନାହାନ୍ତି।

ଏହାବ୍ୟତୀତ ମାସିକ ଭତ୍ତାକୁ ୩୫୦୦ ଟଙ୍କାକୁ ବୃଦ୍ଧି କରିବାପାଇଁ ବିଜେପି ନିର୍ବାଚନୀ ପ୍ରତିଶୃତି ଦେଇଥିଲା। ମାତ୍ର ସରକାରଙ୍କ ସଦ୍ୟତମ ଘୋଷଣା ଅନୁଯାୟୀ ଏହି ଭତ୍ତା କେବଳ ୮୦ବର୍ଷ ବୟସରୁ ଉର୍ଦ୍ଧ୍ୱ ଓ ଶତକଡା ୮୦ଭାଗ ଶାରୀରିକ ଭାବରେ ଅକ୍ଷମ ବ୍ୟକ୍ତିମାନେ ହିଁ ପାଇବେ। ଏହାଫଳରେ ସମଗ୍ର ରାଜ୍ୟରେ ଅତିବେଶୀରେ ମାତ୍ର ୧ଲକ୍ଷ ହିତାଧିକାରୀ ଏହି ବର୍ଦ୍ଧିତ ଭତ୍ତା ପାଇବେ। ଅର୍ଥାତ୍ ରାଜ୍ୟର ପ୍ରାୟ ୪୯ଲକ୍ଷ ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏହି ଭତ୍ତା ପାଇବାରୁ ବଂଚିତ ହେବେ। ସୁତରାଂ, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ସଂପର୍କିତ ବିଜେପିର ନିର୍ବାଚନୀ ପ୍ରତିଶୃତି ଯେ ଆଉ ଏକ ଜୁମଲା ଥିଲା ସେକଥା ବର୍ତ୍ତମାନ ସ୍ପଷ୍ଟ ହୋଇଯାଇଛି।

ସେହିଭଳି ଧାନ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଧାର୍ଯ୍ୟ କରିବାପାଇଁ ବିଜେପି ଏହାର ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଥିଲା। ମାତ୍ର ରାଜ୍ୟ ବଜେଟରେ ଏଥିପାଇଁ ଯେଉଁ ଆର୍ଥିକ ବ୍ୟବସ୍ଥା କରାଯାଇଛି ସେହି ଅର୍ଥରେ ଅତିବେଶୀରେ ରାଜ୍ୟର ଶତକଡା ୨୫ଭାଗ ଚାଷୀଙ୍କୁ ହିଁ ବର୍ଦ୍ଧିତ ଏମ୍‌ଏସ୍‌ପି ପ୍ରଦାନ କରାଯାଇପାରିବ। ସୁତରାଂ ଏହି ଘୋଷଣା ଯେ ଏକ ଧୂଆଁବାଣ ଥିଲା ତାହା ଏଥିପାଇଁ ବଜେଟ୍‌ରେ କରାଯାଇଥିବା ବ୍ୟୟବରାଦରୁ ସ୍ପଷ୍ଟ ହୋଇଯାଇଛି।

ବିଜେପି ଦଳର ଅନ୍ୟତମ ପ୍ରମୁଖ ନିର୍ବାଚନୀ ପ୍ରତିଶୃତିଥିଲା ପ୍ରତ୍ୟେକ ବିଦ୍ୟୁତ ଗ୍ରାହକଙ୍କୁ ୩୦୦ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତଶୁଳ୍କ ଛାଡ କରିବା। ମାତ୍ର ରାଜ୍ୟରେ କ୍ଷମତାସୀନ ହେବାପରେ ଏ ସଂପର୍କରେ ରାଜ୍ୟ ବିଜେପି ସରକାର ରାଜ୍ୟବାସୀଙ୍କୁ ନୂଆ କାହାଣୀ ଶୁଣାଉଛନ୍ତି। ବର୍ତ୍ତମାନ କୁହାଯାଉଛି କେନ୍ଦ୍ର ସରକାରଙ୍କର ପିଏମ୍ ସୂର୍ଯ୍ୟଘର ଯୋଜନାରେ ବିଦ୍ୟୁତ ଗ୍ରାହକମାନଙ୍କୁ ସରକାରଙ୍କ ପକ୍ଷରୁ ସୋଲାର ପ୍ୟାନେଲ ଯୋଗାଇ ଦିଆଯିବ। ଏହି ପ୍ୟାନେଲରୁ ଉତ୍ପାଦିତ ବିଦ୍ୟୁତ ଶକ୍ତି ବିଦ୍ୟୁତ୍ ଗ୍ରାହକମାନେ ବ୍ୟବହାରକରି ବିଜୁଳି ଶୁଳ୍କ ଦେବାରୁ ଅବ୍ୟାହତି ପାଇପାରିବେ। ତେବେ ଏ ବର୍ଷ କେନ୍ଦ୍ରୀୟ ବଜେଟରେ ସମଗ୍ର ଦେଶରେ ୧ କୋଟି ଘରକୁ ଏହି ଧରଣର ସୋଲାର ପ୍ୟାନେଲ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ଓଡିଶାକୁ ଅତିବେଶୀରେ ଏଥିରୁ ୩ଲକ୍ଷ ସୋଲାର ପ୍ୟାନେଲ ମିଳିବାର ସମ୍ଭାବନା ରହିଛି। ଆମ ରାଜ୍ୟରେ ମୋଟ ଘର ଅର୍ଥାତ୍ ବିଦ୍ୟୁତ ଗ୍ରାହକଙ୍କ ସଂଖ୍ୟା ପ୍ରାୟ ଦେଢକୋଟି ହୋଇଥିଲାବେଳେ ମାତ୍ର ୩ଲକ୍ଷ ଲୋକଙ୍କୁ ସୋଲାର ପ୍ୟାନେଲ ଯୋଗାଇ ଏହାର ନିର୍ବାଚନୀ ପ୍ରତିଶୃତି ପୂରଣ କରିବବୋଲି ବିଜେପିର ଦାବି ଅତ୍ୟନ୍ତ ହାସ୍ୟାସ୍ପଦ। କେବଳ ସେତିକି ନୁହେଁ, ଏହି ସୋଲାର ପ୍ୟାନେଲ ଲୋକଙ୍କୁ ବିନାମୂଲ୍ୟରେ ଦିଆଯିବ କିମ୍ବା ଏଥିପାଇଁ ହିତାଧିକାରୀମାନଙ୍କୁ ଅର୍ଥ ଦେବାକୁ ହେବ ତାହା ସରକାର ସ୍ପଷ୍ଟ କରିନାହାନ୍ତି। ଆହୁରି ମଧ୍ୟ ଏହି ସୋଲାର ପ୍ୟାନେଲର ହିତାଧିକାରୀ ଚୟନ କେଉଁ ଭିତ୍ତିରେ କରାଯିବ ସେକଥା ମଧ୍ୟ ସରକାର ସ୍ପଷ୍ଟ କରିନାହାନ୍ତି। ତେବେ ନିର୍ବାଚନ ସମୟରେ ବିଜୁଳି ଶୁଳ୍କ ଛାଡ ଅନ୍ୟତମ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗରେ ପରିଣତ ହୋଇଥିଲା ଏବଂ ବିଜେଡି ଦଳ ପକ୍ଷରୁ ୨୦୦ୟୁନିଟ ଲେଖାଏଁ ବିଦ୍ୟୁତ ଶୁଳ୍କ ଛାଡ କରାଯିବାପାଇଁ ଘୋଷଣା କରାଯାଇଥିଲାବେଳେ ବିଜେପି ପକ୍ଷରୁ ୩୦୦ ୟୁନିଟ ଶୁଳ୍କ ଛାଡ କରାଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ଏହି ଘୋଷଣା ଏକ ମାରାତ୍ମକ ପ୍ରତାରଣା ବୋଲି ପ୍ରମାଣିତ ହୋଇଛି।

ବିଜେପି ଦଳର ଆଉ ଏକ ଲୋଭନୀୟ ନିର୍ବାଚନୀ ପ୍ରତିଶୃତି ହେଉଛି ୨୦୨୭ ମସିହା ସୁଦ୍ଧା ରାଜ୍ୟରେ ୨୫ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା। 'ମିଶନ ଶକ୍ତି' ଜରିଆରେ ବିଜେଡିର ବହୁ ପ୍ରଚାରିତ ମହିଳା ଦୁର୍ଗକୁ ଭାଙ୍ଗିବାପାଇଁ ବିଜେପି ପକ୍ଷରୁ ଏହି ପ୍ରତିଶୃତି ଦିଆଯାଇଥିଲା। ଏହି ଯୋଜନାର ବିଷଦ ରୂପରେଖ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିଲାବେଳେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ୨୦ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସରକାରୀ ସୂତ୍ରରୁ ପ୍ରକାଶ କରାଯାଇଛି। ମାତ୍ର ଏଥିପାଇଁ ଚଳିତ ବଜେଟ୍‌ରେ ବ୍ୟୟ କରାଯାଇଛି ମାତ୍ର ୧ହଜାର କୋଟି ଟଙ୍କା। ଏହି ଧରଣର ବ୍ୟୟବରାଦରୁ ହିଁ ବିଜେପି ଦଳର ବହୁ ପ୍ରଚାରିତ ଲକ୍ଷପତି ଦିଦି ଯୋଜନାର ଭବିଷ୍ୟତ ସଂପର୍କରେ ପାଠକମାନେ ବୁଝିପାରିବେ।

ଏହାବ୍ୟତୀତ ରାଜ୍ୟରେ ଖାଲି ପଡିଥିବା ସମସ୍ତ ସରକାରୀ ପଦବୀ ପୂରଣ କରିବା ସଙ୍ଗେ ସଙ୍ଗେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆବଶ୍ୟକ ବିକାଶ ଘଟାଇବାକୁ ବିଜେପି ଦଳ ନିର୍ବାଚନ ସମୟରେ ପ୍ରତିଶୃତି ଦେଇଥିଲା। ମାତ୍ର ଖାଲିପଡିଥିବା ସରକାରୀ ପଦବୀ, ବିଶେଷକରି ଶିକ୍ଷକ, ଅଧ୍ୟାପକ, ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟସେବା ସହିତ ଜଡିତ ପଦବୀ ପୂରଣ କରିବାପାଇଁ ସରକାର ବଜେଟରେ କୌଣସି ଆବଶ୍ୟକ ବ୍ୟୟବରାଦ କରିନାହାନ୍ତି। ଏହାକୁ ବାଦଦେଇ ଶିକ୍ଷା, ସ୍ୱାସ୍ଥ୍ୟସେବା ସମେତ ଅନ୍ୟାନ୍ୟ ଜନମଙ୍ଗଳକାରୀ କ୍ଷେତ୍ରରେ କରାଯାଇଥିବା ବ୍ୟବବରାଦ ଅତ୍ୟନ୍ତ ନୈରାଶ୍ୟଜନକ। ଏହାଫଳରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଘରୋଇକରଣ, ବ୍ୟବସାୟୀକରଣ ଆହୁରି ମାରାତ୍ମକ ରୂପ ଧାରଣ କରିବା ନିଶ୍ଚିତ।

ଉପର ଆଲୋଚନାରୁ ସ୍ପଷ୍ଟ ହେଉଛି ଯେ ରାଜ୍ୟ ବିଜେପି ସରକାର ଦ୍ୱାରା ଆଗତ ବଜେଟ କେବଳ ଏହାର ନିର୍ବାଚନୀ ପ୍ରତିଶୃତି ପାଳଣ କ୍ଷେତ୍ରରେ ବିଫଳ ହୋଇନାହିଁ, ରାଜ୍ୟର ଚାଷୀ, ମୂଲିଆ, ଛାତ୍ର, ଯୁବକ ମହିଳାମାନଙ୍କ ସମେତ ସମସ୍ତ ସ୍ତରର ମେହେନତୀ ଜନସାଧାରଣଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ ବିଫଳ ହୋଇଛି।

★ ★ ★

---

## କେନିଆର ଲଢୁଆ . . .

(୫ମ ପୃଷ୍ଠାର ଅବଶିଷ୍ଟାଂଶ)

ବିରୋଧୀ ଅସନ୍ତୋଷ ମନକୁ ମନ ଶାନ୍ତ ହେବ ନାହିଁ। ନରହନ୍ତା ରାଷ୍ଟ୍ରପତିଙ୍କ ଇସ୍ତଫା ଦାବିରେ ଆନ୍ଦୋଳନକାରୀମାନେ ଜୁନ ୨୮ତାରିଖରୁ ଆନ୍ଦୋଳନର ଡାକରା ଦେଇଛନ୍ତି।

ବର୍ତ୍ତମାନ ଏହି ଆନ୍ଦୋଳନର ପୃଷ୍ଠଭୂମି ଉପରେ ସାମାନ୍ୟ ଆଲୋକପାତ କରାଯାଉ। ଗତ ମଇ ମାସରେ କେନିଆର ରାଷ୍ଟ୍ରପତି ଆମେରିକା ଗସ୍ତ କରିଥିଲେ। ଦୀର୍ଘ ୧୬ବର୍ଷ ପରେ ଏହାଥିଲା କୌଣସି ଆଫ୍ରିକୀୟ ରାଷ୍ଟ୍ରମୁଖ୍ୟଙ୍କର ଆମେରିକା ଗସ୍ତ। ଆଫ୍ରିକା ତଥା ପୃଥିବୀର ବିଭିନ୍ନ ଅଂଚଳର ଦେଶମାନେ ଯେତେବେଳେ ଗୋଟିଏ ଦିଗରେ ଆମେରିକା ଓ ଅନ୍ୟଦିଗରେ ଚୀନ-ଋଷ ସାମ୍ରାଜ୍ୟବାଦୀ ଶିବିର ମଧ୍ୟରେ ଅଧିକରୁ ଅଧିକ ଧ୍ରୁବୀକୃତ ହେଉଛନ୍ତି ସେହି ସମୟରେ କେନିଆ ରାଷ୍ଟ୍ରପତିଙ୍କର ଆମେରିକା ଗସ୍ତ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଏହି ଗସ୍ତ ସମୟରେ ରାଷ୍ଟ୍ରପତି ବାଇଡେନ କେନିଆକୁ ଆମେରିକାର ଅନ୍ୟତମ ମୁଖ୍ୟ ଅଣ ନାଟୋ ସହଯୋଗୀ ଭାବରେ ଘୋଷଣା କରିଛନ୍ତି।

କେନିଆ ରାଷ୍ଟ୍ରପତିଙ୍କ ପାଇଁ ମଧ୍ୟ ଆମେରିକା ଗସ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ ସେ ଆମେରିକା ସହାୟତାରେ କେନିଆର ଜାତୀୟ ଋଣ ହ୍ରାସ କରିବାପାଇଁ ଉଦ୍ୟମ କରୁଛନ୍ତି। ଏହି ବର୍ଷ ଶେଷ ସୁଦ୍ଧା ଆମେରିକା ଓ କେନିଆ ମଧ୍ୟରେ ବ୍ୟବସାୟ ଓ ପୁଞ୍ଜିବିନିଯୋଗ(Trade and Investment) କ୍ଷେତ୍ରରେ ଆନୁଷ୍ଠାନିକ ସହଭାଗୀତା ପ୍ରତିଷ୍ଠା କରାଯିବ ବୋଲି ଦୁଇଦେଶ ପକ୍ଷରୁ ଘୋଷଣା କରାଯାଇଛି। ମାତ୍ର ଏହାଯେ କେନିଆର ଜନସାଧାରଣଙ୍କର ଅବସ୍ଥାର ପରିବର୍ତ୍ତନ କ୍ଷେତ୍ରରେ କୌଣସି ଭୂମିକା ପାଳନ କରିବ ନାହିଁ, ବରଂ ଏହାଦ୍ୱାରା ଲୋକଙ୍କ ଅବସ୍ଥା ଆହୁରି ଖରାପ ହେବ ତାହା ଦିବାଲୋକ ଭଳି ସ୍ପଷ୍ଟ। ତେବେ ଏହାକୁ ହିଁ ରାଷ୍ଟ୍ରପତି ଋଥୋ ନିଜର ବିରାଟ ସଫଳତା ଭାବରେ ପ୍ରଚାର କରି ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଏହାଦ୍ୱାରା ଜନସାଧାରଣ ଆହୁରି ଉତ୍‌କ୍ଷିପ୍ତ ହୋଇଥିଲେ ଏବଂ ଜୁନ ମାସରୁହିଁ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା।

ଏହି ପରିସ୍ଥିତିରେ ଆନ୍ଦୋଳନର ନେତୃତ୍ୱ ନେଉଥିବା କେନିଆର କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରୀୟ କମିଟି ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, "ନିରିହ ଲୋକଙ୍କର ରକ୍ତ ବୁହାଇଥିବା ଋଥୋ କୁ ଏହି ହତ୍ୟା ଅପରାଧରୁ ଆମେ ଖସିଯିବାକୁ ଦେବୁନାହିଁ। ଆନ୍ଦୋଳନକାରୀ ମାନଙ୍କର କେତେକ ଅତ୍ୟନ୍ତ ସ୍ପଷ୍ଟ ଓ ସରଳ ଦାବି ରହିଛି ଯାହା ରାଷ୍ଟ୍ରପତି ମାନିନେବା ଆବଶ୍ୟକ। ନିର୍ବାଚନ ପରବର୍ତ୍ତି ସମୟରେ ଆୟୋଜିତ ପ୍ରତିବାଦ ସମୟରେ ମଧ୍ୟ ଋଥୋ ବହୁ ନିରିହ ଲୋକଙ୍କ ହତ୍ୟାପାଇଁ ଅଭିଯୁକ୍ତ। ଏହି ସବୁ ଅପରାଧ ପାଇଁ ବ୍ୟକ୍ତିଗତ ଭାବରେ ଋଥୋ ଏବଂ ତାଙ୍କର ବସମ୍ବଦ ପୁଲିସ ଅଧିକାରୀମାନେ ସିଧାସଳଖ ଦାୟୀ। ଏଡାଇ ଯିବାର ସମସ୍ତ ସମ୍ଭାବନାଥିବା ଏହି ମର୍ମନ୍ତୁଦ ଗଣହତ୍ୟାରେ ଆହତ ଓ ବଂଚି ଯାଇଥିବା ଅନ୍ୟାନ୍ୟ ଲୋକମାନଙ୍କ ପାଇଁ ଆମେ ପିଛିଲା ତାରିଖରୁ ଉପଯୁକ୍ତ ନ୍ୟାୟ ଦାବି କରୁଛୁ।" ବର୍ତ୍ତମାନ ଆନ୍ଦୋଳନକାରୀମାନଙ୍କର ମୁଖ୍ୟ ଦାବି ହେଉଛି, ଖାଦ୍ୟ, ଚିକିତ୍ସା ଉପକରଣ, ଔଷଧ ଓ ଆନୁସଙ୍ଗିକ ସାମଗ୍ରୀ ଓ ଶିକ୍ଷାର ସମସ୍ତ କ୍ଷେତ୍ରରୁ କର ଟିକସ ସଂପୂର୍ଣ୍ଣ ଛାଡ କରିବା ଏବଂ କେନିଆର ଆଭ୍ୟନ୍ତରୀଣ ବ୍ୟାପାରରେ ବିଶ୍ୱବ୍ୟାଙ୍କ, ଆଇଏମ୍‌ଏଫ, ନାଟୋ ପ୍ରଭୃତିର ହସ୍ତକ୍ଷେପ ବନ୍ଦ କରିବା।

ଆମେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ଏହି ଐତିହାସିକ ଲଢେଇ ଜାରୀ ରଖିଥିବା କେନିଆର ସଂଗ୍ରାମୀ ଜନସାଧାରଣଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛୁ। ସେମାନଙ୍କର ଲଢେଇ ପ୍ରତି ସଂହତି ଜ୍ଞାପନ କରୁଛୁ ଏବଂ ସଠିକ୍ ବିପ୍ଳବୀ ନେତୃତ୍ୱର ପରିଚାଳନାରେ ଏହି ଆନ୍ଦୋଳନକୁ ପରିଚାଳିତ କରି ଏହାକୁ ବିଶ୍ୱବ୍ୟାପୀ ଗଢିଉଠୁଥିବା ସାମ୍ରାଜ୍ୟବାଦ-ପୁଞ୍ଜିବାଦ ବିରୋଧୀ ଆନ୍ଦୋଳନ ସହିତ ପରିପୂରକ କରିବାପାଇଁ ଆମେ ନିବେଦନ କରୁଛୁ।

★ ★ ★

# ଇସ୍ରାଏଲର ଜନସାଧାରଣ ଦେଶର ପ୍ରଧାନମନ୍ତ୍ରୀଙ୍କୁ "ଅପରାଧ ମନ୍ତ୍ରୀ" ଆଖ୍ୟା ଦେଇ ଗାଜାରେ ନରସଂହାର ରୋକିବାପାଇଁ ହଜାର ହଜାର ସଂଖ୍ୟାରେ ରାସ୍ତାକୁ ଓହ୍ଲାଇଛନ୍ତି

ଚଳିତବର୍ଷ ଜୁନ ୨୭-୨୮ ତାରିଖରେ ଇସ୍ରାଏଲର ରାଜଧାନୀ ତେଲଆଭିଭଠାରେ ବିପୁଳ ସଂଖ୍ୟକ ଇସ୍ରାଏଲବାସୀ ଏକତ୍ରିତ ହୋଇ ଗାଜାରେ ନରସଂହାର ବନ୍ଦ କରିବା, ହାମାସ ତୁରନ୍ତ ମୁଣ୍ଡଜାମିନମାନଙ୍କୁ ମୁକ୍ତ କରିବା ଏବଂ ଦେଶରେ ସାନି ନିର୍ବାଚନ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସମ୍ବାଦପତ୍ରରେ ପ୍ରକାଶିତ ଖବର ଅନୁଯାୟୀ ଏହି ବିକ୍ଷୋଭରେ ଦେଢଲକ୍ଷରୁ ଅଧିକ ଲୋକ ଯୋଗ ଦେଇଥିଲେ। ଇସ୍ରାଏଲ ସରକାର ଦ୍ୱାରା ଗାଜା ଉପରେ ଆକ୍ରମଣ ହେବାପରେ ଏହା ହେଉଛି ସରକାରର ଯୁଦ୍ଧନୀତି ବିରୁଦ୍ଧରେ ଇସ୍ରାଏଲର ଜନସାଧାରଣଙ୍କର ସବୁଠାରୁ ବଡ ବିକ୍ଷୋଭ। ବିକ୍ଷୋଭ ସମୟରେ ଅଶ୍ୱାରୋହୀ ପୁଲିସ ସହିତ ବିକ୍ଷୋଭକାରୀମାନେ ମୁହାଁମୁହିଁ ହେବା ଏବଂ ପୁଲିସ ବହୁ ସଂଖ୍ୟକ ଲୋକଙ୍କୁ ଗିରଫ କରିଥିବାର ଭିଡିଓ ଦେଖିବାକୁ ମିଳୁଛି। କେବଳ ତେଲ୍‌ଆଭିଭ ନୁହେଁ ଜେରୁଜେଲମ୍‌ର ମୁଖ୍ୟ ରାସ୍ତାକୁ ମଧ ବିକ୍ଷୋଭ ପ୍ରଦର୍ଶନକାରୀମାନେ ଦୁଇଦିନଧରି ଅବରୋଧ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟୁହୁଙ୍କ ଇସ୍ତଫା ଦାବି କରିଥିଲେ। ଆନ୍ଦୋଳନକାରୀମାନେ ନେତାନ୍ୟୁହୁଙ୍କୁ ଏକ ଶେଷହୀନ ଯୁଦ୍ଧ ଆରମ୍ଭ କରିବା ଅପରାଧରେ ଅପରାଧୀ ବୋଲି ଘୋଷଣା କରିଥିଲେ।

ରାଷ୍ଟ୍ରପତି ନିବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବହୁ ଆନ୍ଦୋଳନକାରୀ ପ୍ରଧାନମନ୍ତ୍ରୀଙ୍କୁ 'ଅପରାଧ ମନ୍ତ୍ରୀ' ଓ 'ଯୁଦ୍ଧ ବନ୍ଦ କର' ଲେଖାଥିବା ପୋଷ୍ଟର ହାତରେ ଧରି ପ୍ରତିବାଦ କରୁଥିବା ଦେଖିବାକୁ ମିଳିଥିଲା। ଜଣେ ଆନ୍ଦୋଳନକାରୀ ସାମ୍ବାଦିକମାନଙ୍କୁ କହିଥିଲେ- 'ମୁଁ ଏହି ଆନ୍ଦୋଳନରେ ସାମିଲ ହୋଇଛି କାରଣ ମୁଁ ମୋର ନାତି ନାତୁଣୀମାନଙ୍କ ଭବିଷ୍ୟତ ପାଇଁ ଚିନ୍ତିତ। ଆମେ ରାସ୍ତାକୁ ଓହ୍ଲାଇ ଏହି ବିପଦଜନକ ସରକାରକୁ କ୍ଷମତାଚ୍ୟୁତ ନକଲେ ସେମାନଙ୍କର ଭବିଷ୍ୟତ ଅନ୍ଧାର ହୋଇଯିବ।' ଅନ୍ୟ ଜଣେ ଆନ୍ଦୋଳନକାରୀ କହିଥିଲେ- 'ମୁଁ ନିସ୍ତାର ସହିତ ଆଶା କରୁଛି, ଏହି ସରକାର ଭାଙ୍ଗିପଡୁ।' ଶହ ଶହ ଆନ୍ଦୋଳନକାରୀ ନିଜ ଦେହରେ ନାଲି ରଂଗ ବୋଳି ତେଲଆଭିଭର ଡେମୋକ୍ରାସୀ ଛକରେ ଶୋଇରହି ପ୍ରତିବାଦ ଜଣାଇଥିଲେ। ସେମାନେ କହୁଥିଲେ- 'ନେତାନ୍ୟୁହୁଙ୍କ ଶାସନକାଳରେ ଦେଶର ଗଣତନ୍ତ୍ରର ହତ୍ୟା ହୋଇଛି।' ଏହି ଆନ୍ଦୋଳନକୁ ଦମନ କରିବାପାଇଁ ଇସ୍ରାଏଲ ସରକାର କେବଳ ଆନ୍ଦୋଳନକାରୀ ନୁହଁନ୍ତି, ସାଧାରଣ ଲୋକଙ୍କ ଉପରେ ମଧ ବର୍ବର ଅତ୍ୟାଚାର ଚଳାଇଛି। ହାମାସ ଦ୍ୱାରା ପଣବନ୍ଦୀ ହୋଇଥିବା ଲୋକଙ୍କ ପରିବାର, ଯୁଦ୍ଧରେ ନିହତ ସୈନିକମାନଙ୍କ ପରିବାର ଏବଂ ଯୁଦ୍ଧ ପାଇଁ ସାମୟିକ ଭାବରେ ପ୍ରସ୍ତୁତ କରାଯାଇଥିବା ଅସ୍ଥାୟୀ ସୈନ୍ୟମାନଙ୍କ ପରିବାର ପକ୍ଷରୁ ତୁରନ୍ତ ଗାଜା ଉପରେ ଆକ୍ରମଣ ବନ୍ଦ କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି।

ସୂଚନାଯୋଗ୍ୟ ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଫଳରେ ଏପର୍ଯ୍ୟନ୍ତ ୨ଲକ୍ଷରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କ ମଧ୍ୟରୁ ୧୦ହଜାରରୁ ଅଧିକ ଶିଶୁ ଏବଂ ଏହି ଆକ୍ରମଣରେ ହଜାର ହଜାର ଶିଶୁ ବାପା ମାଙ୍କୁ ହରାଇ ବେସାହାରା ହୋଇଯାଇଛନ୍ତି ବୋଲି ହାମାସ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି।

ବାସ୍ତବରେ ଇସ୍ରାଏଲ ଗାଜା ଉପରେ ଆକ୍ରମଣ ଆରମ୍ଭ ହେବାପରେ ପରେ ହିଁ ୨୦୨୩ ଅକ୍ଟୋବର ୧୪ତାରିଖରେ ରାଜଧାନୀ ତେଲଆଭିଭରେ ହାମାସ ଦ୍ୱାରା ପଣବନ୍ଦୀ ହୋଇଥିବା ଇସ୍ରାଏଲର ନାଗରିକମାନଙ୍କ ପ୍ରତି ସଂହତି ପ୍ରକାଶ କରି 'ପଣବନ୍ଦୀ ସଂହତି' ଶୋଭାଯାତ୍ରାକାରୀମାନେ ଦେଶର ନାଗରିକମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସରକାରର ଇସ୍ତଫା ଦାବି କରିଥିଲେ। ଏହାର ପରଦିନ ଏହି ଧରଣର ପ୍ରତିବାଦ 'ଜାତୀୟ ମନୋବଳ'କୁ ଦୁର୍ବଳ କରୁଛି ଏବଂ ଏହି ଧରଣର ଆନ୍ଦୋଳନରେ ସାମିଲ ହେଉଥିବା ଲୋକଙ୍କୁ ଗିରଫ କରାଯିବ ବୋଲି ସରକାର ଘୋଷଣା କରିଥିଲେ। ଏହି ଧରଣର ଧମକ ସତ୍ତ୍ୱେ ଇସ୍ରାଏଲରେ ସରକାର ବିରୋଧୀ ଗଣଆନ୍ଦୋଳନ ଧିରେ ଧିରେ ଶକ୍ତିଶାଳୀ ହେବାରେ ଲାଗିଛି। ମାତ୍ର ଇତି ମଧ୍ୟରେ ଆନ୍ଦୋଳନର ଆଭିମୁଖ୍ୟ ଓ ଚରିତ୍ରରେ ବହୁ ପରିବର୍ତ୍ତନ ଦେଖିବାକୁ ମିଳିଛି। ଇସ୍ରାଏଲରେ ସଂପ୍ରତି ମୁଖ୍ୟତଃ ଯୁଦ୍ଧ ବିରୋଧୀ ଆନ୍ଦୋଳନ ଗଢିଉଠୁଛି। କେବଳ ଏତିକି ନୁହେଁ, ପାଲେଷ୍ଟାଇନ୍‌ବାସୀଙ୍କୁ ସେମାନଙ୍କର ଅଧିକାର ଓ ବାସସ୍ଥାନ ଫେରାଇଦେଇ ସେହି ଅଂଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବାପାଇଁ ମଧ ଆନ୍ଦୋଳନକାରୀମାନେ ଦାବି କରୁଛନ୍ତି। ଜୁନ ମାସ ଶେଷ ସପ୍ତାହରେ ଇସ୍ରାଏଲ ପ୍ରତିରକ୍ଷା ବାହିନୀର ମୁଖପାତ୍ର ଡାନିଏଲ୍ ହାଗାରୀ କହିଛନ୍ତି ଯେ,- **'ହାମାସ ହେଉଛି ଏକ ଚିନ୍ତା(Idea), ଯେଉଁମାନେ ଦାବି କରୁଛନ୍ତି ଯେ, ଏହି ଚିନ୍ତାକୁ ଅଦୃଶ୍ୟ କରିଦିଆଯାଇପାରିବ ସେମାନେ କେବଳ ମାତ୍ର ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛନ୍ତି।'** ଏହାର ଅର୍ଥ ହେଉଛି ଇସ୍ରାଏଲ ଯେ ଏହି ଯୁଦ୍ଧ ଜୟ କରିପାରିବ ନାହିଁ ଏହା ସେ ସ୍ୱୀକାର କରିଛନ୍ତି। ଏହା ଅତ୍ୟନ୍ତ ପ୍ରେରଣାଦାୟକ ଯେ ଗାଜା ଉପରେ ଇସ୍ରାଏଲ ସରକାରର ଅମାନୁଷିକ, ବର୍ବର ଆକ୍ରମଣ ବିରୁଦ୍ଧରେ ସମଗ୍ର ବିଶ୍ୱରେ ସୃଷ୍ଟି ହୋଇଥିବା ଜନଆକ୍ରୋଶ ସହିତ ଇସ୍ରାଏଲର ଜନସାଧାରଣ ମଧ ସ୍ୱର ମିଳାଇଛନ୍ତି। ଦେଶପ୍ରେମ, ଦେଶର ସୁରକ୍ଷା ଇତ୍ୟାଦି ସ୍ଲୋଗାନ ଦେଇ ଦେଶର ଜନସାଧାରଣଙ୍କୁ ଭୟଭୀତ ଓ ବିଭ୍ରାନ୍ତ କରିବାପାଇଁ ଇସ୍ରାଏଲ ସରକାରର ଉଦ୍ୟମକୁ ସେହି ଦେଶର ଜନସାଧାରଣ ବୁଝିପାରିଛନ୍ତି ଏବଂ ଏହାକୁ ବିଫଳ କରିବା ରାସ୍ତାରେ ଅଗ୍ରସର ହୋଇଛନ୍ତି।

★★★

# ଆଦାନୀ ଦୁର୍ନୀତିର ନୂଆ ଫର୍ଦ୍ଦ - କୋଇଲା ଘୋଟାଲା

ଭାରତର ଏକଚାଟିଆ ପୁଞ୍ଜିପତି ଗୌତମ ଆଦାନୀଙ୍କ ଦ୍ୱାରା କରାଯାଇଥିବା କୋଇଲା ଘୋଟାଲା ସଂପର୍କରେ ଇଂଲ୍ୟାଣ୍ଡର ପ୍ରସିଦ୍ଧ ଖବର କାଗଜ ଫାଇନାନ୍ସିଆଲ ଟାଇମ୍ସ(Financial Times) ରେ ବିଷଦ ରିପୋର୍ଟ ପ୍ରକାଶିତ ହେବାପରେ ଦେଶର ଏକଚାଟିଆ ପୁଞ୍ଜିପତି, କର୍ପୋରେଟ ହାଉସ ଓ କେନ୍ଦ୍ର ବିଜେପି ସରକାର ମଧ୍ୟରେ ଗଢିଉଠିଥିବା ଅସାଧୁ ମୈତ୍ରୀ ପୁଣିଥରେ ଲୋକଲୋଚନକୁ ଆସିଛି। ପାଠକମାନଙ୍କ ସ୍ମରଣଥିବ ହିଣ୍ଡେନବର୍ଗ ରିପୋର୍ଟରେ ଆଦାନୀ ସମୂହ ଫଟକାବଜାରରେ ଏହାର ଅଂଶଧନ(Share) ଦରକୁ କୃତ୍ରିମ ଭାବରେ ଓ ଅସ୍ୱାଭାବିକ ପରିମାଣରେ ବୃଦ୍ଧି କରି ସୀମାହୀନ ଦୁର୍ନୀତିରେ ଲିପ୍ତଥିବା ବିଷୟ ପ୍ରକାଶିତ ହେବାପରେ ସମଗ୍ର ପୃଥିବୀରେ ହଇଚଇ ସୃଷ୍ଟି ହୋଇଥିଲା। ଆଦାନୀ ସମୂହ ବିରୁଦ୍ଧରେ ଦୁର୍ନୀତିର ସମସ୍ତ ପ୍ରମାଣ ରହିଥିଲେ ମଧ କେନ୍ଦ୍ର ବିଜେପି ସରକାର ଏହାର କୌଣସି ତଦନ୍ତ କରିନାହିଁ। ବରଂ ଆଦାନୀକୁ ଦେଶର ସମସ୍ତ ବନ୍ଦର, ବିମାନ ବନ୍ଦର, ଖଣି ସମେତ ବିପୁଳ ପ୍ରାକୃତିକ ସଂପଦ ଟେକି ଦିଆଯାଉଛି।

ଏହି ସମୟରେ ଆଦାନୀ କମ୍ପାନୀ ସମୂହ ବିରୁଦ୍ଧରେ ଆଉ ଏକ ମହାଘୋଟାଲାର ପ୍ରମାଣ ସାର୍ବଜନୀନ ହୋଇଛି। ଫାଇନାନ୍ସିଆଲ ଟାଇମ୍ସ ଖବର କାଗଜ କଷ୍ଟମ(Customs) ବିଭାଗର ନଥିପତ୍ର ଯାଞ୍ଚକରି ଦର୍ଶାଇଛି ଯେ, ଗତ ଦୁଇବର୍ଷ ମଧ୍ୟରେ ଗୌତମ ଆଦାନୀଙ୍କ ମାଲିକାନାଧୀନ କମ୍ପାନୀ ବଜାର ଦରରୁ ଯଥେଷ୍ଟ ଅଧିକ ଦରରେ ୫ ବିଲିୟନ ମାର୍କିନ ଡଲାର ଦରର କୋଇଲା ଆମଦାନୀ କରିଛି। ତାଇୱାନ, ଦୁବାଇ ଏବଂ ସିଙ୍ଗାପୁର ସ୍ଥିତ ବହୁ ଜାଲ କମ୍ପାନୀ ଜରିଆରେ ଏହି କାରବାର କରାଯାଇଛି। ଏହି ବିଦେଶସ୍ଥିତ କମ୍ପାନୀମାନଙ୍କ ମଧ୍ୟରୁ ଜଣେ ତାଇୱାନ ନାଗରିକଙ୍କ ମାଲିକାନାଧୀନ କମ୍ପାନୀର ଆଦାନୀ କମ୍ପାନୀରେ ବେଶ ଭଲପରିମାଣର ଗୋପନ ଅଂଶଧନ ରହିଛି ବୋଲି ଜଣାପଡିଛି। ଭାରତୀୟ କଷ୍ଟମ ବିଭାଗର ରେକର୍ଡ ଅନୁଯାୟୀ ଇଣ୍ଡୋନେସିଆରୁ ଆମଦାନୀ କରାଯାଉଥିବା ନିମ୍ନମାନର କୋଇଲାକୁ ଉଚ୍ଚମାନର କୋଇଲା ଭାବରେ ଦର୍ଶାଇ ଦେଶରେ ବିକ୍ରି କରାଯାଇଛି। ଏହାଫଳରେ କୋଇଲାର ଦର ପ୍ରାୟ ୭୦ ମିଲିୟନ ମାର୍କିନ ଡଲାର ବୃଦ୍ଧି ପାଇଛି।

ଏଠାରେ ସୂଚନାଯୋଗ୍ୟ ଭାରତର ବିଜୁଳି ଉତ୍ପାଦନ ମୁଖ୍ୟତଃ କୋଇଲା ଭିତ୍ତିକ। ଏଥିପାଇଁ ଦେଶରେ ଯଥେଷ୍ଟ ପରିମାଣର କୋଇଲା ମଧ ମହଜୁଦ ରହିଛି। ୨୦୧୩-୧୪ ମସିହା ବେଳକୁ ଦେଶର କୋଇଲା ଉତ୍ପାଦନ ୫୬୫ ମିଲିୟନ ମେଟ୍ରିକ ଟନ୍ ଥିଲାବେଳେ ୨୦୨୩-୨୪ରେ ଏହି ପରିମାଣ ୮୯୩ ମିଲିୟନ ମେଟ୍ରିକଟନ୍‌ରେ ପହଂଚିଛି। ଆଗାମୀ ୧ବର୍ଷ ମଧ୍ୟରେ ଦେଶର କୋଇଲା ଉତ୍ତୋଳନ ପରିମାଣକୁ ୧ବିଲିୟନ ମେଟ୍ରିକଟନରେ ପହଞ୍ଚାଇବା ପାଇଁ ଘୋଷଣା କରାଯାଇଛି। ଅର୍ଥାତ୍ ଦେଶରେ ଯଥେଷ୍ଟ କୋଇଲା ମହଜୁଦ ରହିଛି।

ଏହା ସତ୍ତ୍ୱେ କେନ୍ଦ୍ର ବିଜେପି ସରକାର ଆଦାନୀ କମ୍ପାନୀ ଜରିଆରେ ଯଥେଷ୍ଟ ଅଧିକ ଦରରେ ବିଦେଶରୁ ନିମ୍ନ ମାନର କୋଇଲା ଆମଦାନୀ କରୁଛି। ଏହି ନିମ୍ନମାନର କୋଇଲାକୁ ଉଚ୍ଚମାନର କୋଇଲା ଦରରେ ଆଦାନୀ କମ୍ପାନୀ ସରକାରୀ ତାପଜ ବିଦ୍ୟୁତ୍ କେନ୍ଦ୍ରମାନଙ୍କୁ ବିକ୍ରି କରୁଛି। କେନ୍ଦ୍ର ସରକାର ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକୁ ଆଦାନୀ କମ୍ପାନୀ ଦ୍ୱାରା ଆମଦାନୀ କରାଯାଉଥିବା କୋଇଲା ଖରିଦ୍ କରିବାକୁ ବାଧ୍ୟ କରୁଛନ୍ତି। ଚଢା ଦରରେ ଖରିଦ୍ କରାଯାଉଥିବା ଏହି କୋଇଲାକୁ ତାପଜ ବିଦ୍ୟୁତ କେନ୍ଦ୍ରମାନଙ୍କୁ ଯୋଗାଣ କରାଯାଉଛି। ଏହାଫଳରେ ଉତ୍ପାଦିତ ବିଦ୍ୟୁତ ଶକ୍ତିର ଦର ବହୁଗୁଣ ବୃଦ୍ଧି ପାଉଛି। ବିଦ୍ୟୁତ ଉପଭୋକ୍ତା ଚଢା ଦରରେ ବିଜୁଳି ଖରିଦ କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟଦିଗରେ ନିମ୍ନ ମାନର କୋଇଲା ବ୍ୟବହାର କରି ତାପଜ ବିଦ୍ୟୁତ କେନ୍ଦ୍ର ଗୁଡିକର ଆୟୁ ହ୍ରାସ ପାଉଛି ଏବଂ ପ୍ରଦୂଷଣ ଅସହ୍ୟ ପରିମାଣରେ ବୃଦ୍ଧି ପାଉଛି।

ଫାଇନାନ୍ସିଆଲ ଟାଇମ୍ସରେ ପ୍ରକାଶିତ ଖବର ଅନୁଯାୟୀ ଭାରତ ସରକାର ଆଦାନୀ କମ୍ପାନୀକୁ ଅସାଧାରଣ ଅନୁକମ୍ପା ପ୍ରଦର୍ଶନ କରିଛି। ଏହାବ୍ୟତୀତ ଆଇନର ଉଲଙ୍ଘନ କରି କେନ୍ଦ୍ର ସରକାର ଆଦାନୀ କମ୍ପାନୀକୁ କୋଇଲା ଉତ୍ତୋଳନ ପାଇଁ ସୁଯୋଗ ଦେଇଛି। ଏହାଫଳରେ ଘନ ଜଙ୍ଗଲ ନଷ୍ଟକରି ୪୫୦ ମିଲିୟନ ଟନ୍ କୋଇଲା ଉତ୍ତୋଳନ ପାଇଁ ଆଦାନୀ ସୁଯୋଗ ପାଇଛି। ସରକାର ଏହି ଧରଣର ଆଇନ ଭଙ୍ଗର କୌଣସି ଯୁକ୍ତିଯୁକ୍ତ କାରଣ ଏପର୍ଯ୍ୟନ୍ତ ଦର୍ଶାଇ ନାହାନ୍ତି। ୨୦୧୪ ମସିହାରେ ସୁପ୍ରିମ୍‌କୋର୍ଟଙ୍କ ଏକ ରାୟ ବଳରେ ୨୦୪ଟି କୋଇଲା ବ୍ଲକ୍ ଆବଣ୍ଟନକୁ ବେଆଇନ ଘୋଷଣା କରି ବାତିଲ କରିଦେଇଥିଲେ। ଏହି କୋଇଲା ବ୍ଲକ୍ ଆବଣ୍ଟନରେ ଦୁର୍ନୀତି ହୋଇଛି ଏବଂ ଏହା ପାରଦର୍ଶୀ ଭାବରେ କରାଯାଇନାହିଁ ବୋଲି ସୁପ୍ରିମକୋର୍ଟ ଦର୍ଶାଇଥିଲେ। ମାତ୍ର କେନ୍ଦ୍ର ସରକାର ସୁପ୍ରିମକୋର୍ଟର ଏହି ନିର୍ଦ୍ଦେଶକୁ ଅମାନ୍ୟକରି ଆଦାନୀ ଏଣ୍ଟରପ୍ରାଇଜର୍ସକୁ ବିପୁଳ ପରିମାଣର କୋଇଲା ବ୍ଲକ୍ ଆବଣ୍ଟନ କରିଛି।

ପାଠକମାନଙ୍କର ସ୍ମରଣଥିବଯେ, ୨୦୨୧ ମସିହାରେ ଦେଶରେ କୋଇଲାର ଉତ୍କଟ ଅଭାବ ଫଳରେ ବିଦ୍ୟୁତ୍ ଉତ୍ପାଦନ ସଂପୂର୍ଣ୍ଣ ବନ୍ଦ ହେବ ଏବଂ ଏହା ଫଳରେ କେତୋଟି ରାଜ୍ୟ ସଂପୂର୍ଣ୍ଣ ଅନ୍ଧକାର ହୋଇଯିବ ବୋଲି ଆଶଂକା ପ୍ରକାଶ ପାଇଲା। ଏ ସଂପର୍କିତ ବହୁ ଖବର ଟିଭି ଓ ଖବର କାଗଜରେ ପ୍ରକାଶିତ ହେବାକୁ ଲାଗିଲା। ମାତ୍ର କେତେକ ଅନୁସନ୍ଧିତ୍ସୁ ସାମ୍ବାଦିକମାନଙ୍କର ଅନୁସଂଧାନ ଭିତ୍ତିକ ରିପୋର୍ଟରୁ ଜଣାପଡିଲା ଯେ କେବଳ ଆଦାନୀ ଏଣ୍ଟରପ୍ରାଇଜର୍ସକୁ କୋଇଲା ଆମଦାନୀର ସୁଯୋଗ ଦେବାପାଇଁ ଏହି କୋଇଲା ଅଭାବ କୃତ୍ରିମ ଭାବରେ ସୃଷ୍ଟି କରାଯାଇଥିଲା। କୋଇଲା ଖଣିରୁ କୋଇଲା ପରିବହନ ପାଇଁ ଆବଶ୍ୟକ ରେଳ ୱାଗନ ଯୋଗାଇ ନ ଦିଆଯିବା ଫଳରେ ଏହି ଧରଣର କୃତ୍ରିମ ଅଭାବ ସୃଷ୍ଟି ହୋଇଥିଲା। ୨୦୨୧ ମସିହାରୁହିଁ ଦେଶରେ ଉଚ୍ଚମାନର କୋଇଲା ଅଭାବ ଆଳରେ ଆଦାନୀ ଏଣ୍ଟରପ୍ରାଇଜର୍ସ କମ୍ପାନୀକୁ କୋଇଲା ଆମଦାନୀ କରି ବିପୁଳ ମୁନାଫା ଅର୍ଜନର ସୁଯୋଗ ଦିଆଯାଇଛି।

ଏହି ପରିସ୍ଥିତିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଦଳ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ କେତେଗୁଡିଏ ଦାବି ଉପସ୍ଥାପନ କରାଯାଇଛି। ସେଗୁଡିକ ମଧ୍ୟରେ ୧)- ବିଦ୍ୟୁତ କ୍ଷେତ୍ରକୁ ଏକ ଲାଭଦାୟକକାରୀ କ୍ଷେତ୍ର ଭାବରେ ବିଚାର ନ କରିବା। ୨)- କୃତ୍ରିମ କୋଇଲା ସଂକଟ ଆଳରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କରିବା। ୩)- କୋଇଲା ଆମଦାନୀ ସଂପୂର୍ଣ୍ଣ ବନ୍ଦ କରିବା। ୪)- ତାପଜ ବିଦ୍ୟୁତ କେନ୍ଦ୍ରରେ ଆବଶ୍ୟକ ପରିମାଣର କୋଇଲା ପହଂଚାଇବା ପାଇଁ ଯଥେଷ୍ଟ ସଂଖ୍ୟକ ୱାଗନ ଯୋଗାଇ ଦେବା। ୫)- ଆମଦାନୀ କରାଯାଉଥିବା କୋଇଲା କିଣିବାପାଇଁ ତାପଜ ବିଦ୍ୟୁତ କେନ୍ଦ୍ରମାନଙ୍କୁ ଜାରୀ କରାଯାଇଥିବା ସରକାରୀ ନିର୍ଦ୍ଦେଶନାମା ରଦ୍ଦ କରିବା ପ୍ରମୁଖ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଉପରୋକ୍ତ ନ୍ୟାୟସଂଗତ ଦାବିଗୁଡିକୁ ତୁରନ୍ତ ପୂରଣ କରିବା ସଙ୍ଗେ ସଙ୍ଗେ ଆଦାନୀ ଏଣ୍ଟରପ୍ରାଇଜର୍ସ ଦ୍ୱାରା ସଂଗଠିତ କୋଇଲା ଆମଦାନୀ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରି ଏଥିରେ ସଂପୃକ୍ତ ସମସ୍ତ ଅଧିକାରୀ, ରାଜନୈତିକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଦାବିରେ ସଂଗଠିତ ଶକ୍ତିଶାଳୀ ଦୀର୍ଘସ୍ଥାୟୀ ଗଣଆନ୍ଦୋଳନ ଗଢିତୋଳିବା ପାଇଁ ସଂଗଠନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଉଛି।

★★★

Regd.No-ORI ORI/2011/37220 • VOL.NO. 11, ISSUE NO. 09 • ମୂଲ୍ୟ-୫ଟଙ୍କା

# ଆଳୁ ସମେତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦରବୃଦ୍ଧି ବିରୁଦ୍ଧରେ କଟକ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଗଣ ବିକ୍ଷୋଭ




ଆଳୁ, ପିଆଜ ସମେତ ସମସ୍ତ ପନିପରିବା ତଥା ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ଲଗାମହୀନ ଦରଦାମ ବୃଦ୍ଧି ଯୁଦ୍ଧକାଳୀନ ଭିତ୍ତିରେ ହ୍ରାସ କରିବା, ଦରଦାମ ନିୟନ୍ତ୍ରଣ ପାଇଁ ସରକାର ସ୍ଥାୟୀଭାବେ ପଦକ୍ଷେପ ନେବା ଏବଂ ଖାଦ୍ୟ ଦ୍ରବ୍ୟ ତଥା ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ରାଷ୍ଟ୍ରାୟତ୍ତ ବାଣିଜ୍ୟ ଚାଲୁ କରିବା ଦାବିରେ କଟକ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଏସ୍‌ୟୁସିଆଇ(ସି) ପକ୍ଷରୁ ଜୁଲାଇ ୨୯ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଏହି ମର୍ମରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏସ୍ ୟୁ ସି ଆଇ (ସି) ଜିଲ୍ଲା ସଂପାଦକ ବିଶ୍ୱାବସୁ ଦାସଙ୍କ ପରିଚାଳନାରେ ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଦଳର ଜିଲ୍ଲା ଅଫିସ୍ ସଂପାଦକ କମ୍ରେଡ୍ ଖଗେଶ୍ୱର ସେଠୀ, ଜିଲ୍ଲା କମିଟି ସଦସ୍ୟ ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ବବି ବଳବନ୍ତରାୟ, ସୌଭାଗ୍ୟ କେତନ ସାମଲ, ଦିପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ଈଶା ଧର, ଦଳର ସଂଗଠକ ଶୋଭା ଦେହୁରୀ, ସିପ୍ରା ମହାନ୍ତି, ପ୍ରିୟଦର୍ଶନ ପାଭେଲ, ସ୍ୱାଧୀନୀ ବେହେରା, ଅକ୍ଷୟ ରାଉଳ, ଆଇନଜୀବୀ ପ୍ରତାପ ମିଶ୍ର, ଜ୍ୟୋସ୍ନାରାଣୀ ଦାସ, ଝରଣା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସମଗ୍ର ଶିକ୍ଷା ବ୍ୟବସ୍ଥାର କେନ୍ଦ୍ରୀକରଣ ବନ୍ଦ ଓ ଏନଟିଏ ଉଚ୍ଛେଦ ଦାବିରେ ଶିକ୍ଷା ବଂଚାଅ କମିଟି ପକ୍ଷରୁ ଆଲୋଚନା ସଭା



ନୂଆ ଜାତୀୟ ଶିକ୍ଷାନୀତି - ୨୦୨୦ ଜରିଆରେ ସମଗ୍ର ଶିକ୍ଷା ବ୍ୟବସ୍ଥାର କେନ୍ଦ୍ରୀକରଣ କରିବା ଓ ସମ୍ପ୍ରତି ନିଟ୍-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ କରି ଲକ୍ଷ ଲକ୍ଷ ଛାତ୍ର ଛାତ୍ରୀଙ୍କ ଜୀବନ ସହିତ ଖେଳିଥିବା ଏନଟିଏ (National Testing Agency)କୁ ତୁରନ୍ତ ଉଚ୍ଛେଦ କରିବା ଦାବିରେ ସାରା ଭାରତ ଶିକ୍ଷା ବଂଚାଅ କମିଟି ଆନୁକୁଲ୍ୟରେ ଭୁବନେଶ୍ୱର ସାମ୍ବାଦିକ ଭବନରେ ଜୁଲାଇ ୨୮ ତାରିଖରେ ଏକ ଆଲୋଚନା ସଭା ଆୟୋଜିତ ହୋଇଥିଲା। ସଂଗଠନର ରାଜ୍ୟ ସଭାପତି ପ୍ରଫେସର ବିରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ଶ୍ରୀଯୁକ୍ତ ମହେନ୍ଦ୍ର କୁମାର କାୟସ୍ଥ, ଜଗବନ୍ଧୁ ଦାସ, ପ୍ରଭାକର ଓଝା, ବିନୋଦ ମାହାତୋ, ବବି ବଳବନ୍ତରାୟ, ନିୟତି ଜାନା, ପ୍ରବାସିନୀ ରାଉଳ, କେଶବ ବିଶ୍ୱାଳ, ଆଶୀଷ ରାଠୋର, ସାରା ଭାରତ ଶିକ୍ଷା ବଂଚାଅ କମିଟି ସର୍ବଭାରତୀୟ ସଂପାଦକ ମଣ୍ଡଳୀ ସଦସ୍ୟ ପ୍ରଫେସର ପ୍ରଦୀପ ମହାପାତ୍ର, ରାଜ୍ୟ ଉପସଭାପତି ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ମ୍ମା, ରାଜ୍ୟ ସଂପାଦକ ସୁବାସ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସଭାରେ ଶିକ୍ଷାର କେନ୍ଦ୍ରୀକରଣ ଓ ଏନଟିଏ ଉଚ୍ଛେଦ ଦାବିରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

# ବାରମ୍ବାର ବିଦ୍ୟୁତ କାଟ ପ୍ରତିବାଦରେ ବିଦ୍ୟୁତ ଅଫିସ ଘେରାଉ




ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ମିଳିତ ମଂଚ ନାଉଗାଁ ଶାଖା ନେତୃତ୍ୱରେ ଗତ ଜୁଲାଇ ୧୦ ତାରିଖ ଦିନ ନାଉଗାଁ ସେକ୍ସନ ଅଧିକାରୀଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର କରାଯାଇଛି। ପଂଚାୟତ ସମିତି ବୈଠକ ଥିବାଯୋଗୁ ପ୍ରଥମେ ପଂଚାୟତ ସମିତି ଅଧକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା, ଉପଭୋକ୍ତା ମାନଙ୍କ ଫୋନ୍ ରିସିଭ କରିବା, ଟୋଲ ଫ୍ରି ନମ୍ବର ସରଳ କରିବା, ବିପଦ ଜନକ ଅବସ୍ଥା ଥିବା ଭଙ୍ଗା ଖୁଣ୍ଟଏବଂ ଓହଳି ପଡିଥିବା ତାର ବଦଳ କରିବା, ବିବାଦୀୟ ବିଦ୍ୟୁତ ବିଲ୍‌ର ସମାଧାନ ପାଇଁ ଏକ ନିର୍ଦ୍ଦିଷ୍ଟ ଦିନରେ ସ୍ଥାନୀୟ ଭାବେ କ୍ୟାମ୍ପ କରିବା, ଜଗତସିଂହପୁରରୁ ନାଉଗାଁ ଗ୍ରୀଡ ପର୍ଯ୍ୟନ୍ତ ସଂଯୁକ୍ତ ୩୩ କେଭିଏ ଲାଇନ୍ ଯନ୍ତ୍ରାଂଶ ବଦଳାଇ ଉନ୍ନତମାନର ଯନ୍ତ୍ରାଂଶ ବ୍ୟବହାର କରିବା ଆଦି ଦାବିରେ ନାଉଗାଁ ବଜାର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମଂଚର ସମ୍ପାଦକ ଶ୍ରୀ ସୁବାସ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସଭାପତି ଶ୍ରୀ ନବକିଶୋର ମହାନ୍ତି, ଶ୍ରୀ ବଂଶୀଧର ବେହେରା, ଶ୍ରୀ ଅଶୋକ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀ ମହେଶ୍ୱର ଦାସ, ଶ୍ରୀ ବସନ୍ତ ମଲ୍ଲିକ ଘେରାଉର ନେତୃତ୍ୱ ନେଇଥିଲେ।

# ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ତାରିଖ ତୁରନ୍ତ ଘୋଷଣା କରିବା ସମେତ ଅନ୍ୟାନ୍ୟ ଦାବିରେ ଛାତ୍ର ବିକ୍ଷୋଭ




ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ତାରିଖ ତୁରନ୍ତ ଘୋଷଣା କରିବା, ରାଜ୍ୟରେ ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡିକୁ ଚଳିତ ଶିକ୍ଷା ବର୍ଷରୁ ଖୋଲିବା, ସମସ୍ତ ଛାତ୍ରଛାତ୍ରୀଙ୍କୁ ଫ୍ରି ବସ୍ ପାସ୍ ଯୋଗାଇ ଦେବା ଆଦି ଦାବିରେ ଜୁଲାଇ ୧୨ରେ ଏଆଇଡିଏସଓ ପକ୍ଷରୁ ଏକ ଛାତ୍ର ବିକ୍ଷୋଭ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନଠାରେ ଅନୁଷ୍ଠିତ ହୋଇଯାଇଛି। ଏଆଇଡିଏସଓ ରାଜ୍ୟ ସଭାପତି କମ୍ରେଡ ସୋମନାଥ ବେହେରା, ସମ୍ପାଦକ ସିଦ୍ଧାର୍ଥ ରଥ, ଉପ-ସଭାପତି ଭାଗ୍ୟରବି ଦାସ, ନିରୁପମା ବେହେରା, ସୁନିଲ ଭୋଇ, ଅଫିସ ସମ୍ପାଦକ ନସିମ ସରକାର, ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ପରମାନନ୍ଦ ସାହୁ, ଶିବାନୀ ଶଙ୍କର ମିଶ୍ର, ମଧୁସୁଦନ ନାୟକ, ହରେକୃଷ୍ଣ ଦାସ, ପ୍ରଶାନ୍ତ ଦାସ, ସଂଯୁକ୍ତା ସାହୁ, ସପ୍ତର୍ଶିନୀ ରାଉଳ, ବିନୋଦ ସେଠୀ, ଈଷା ଧର, ମଧୁସୂଦନ ବାଗ, ନାରାୟଣ ନାୟକ, ଫୁଲଚାନ୍ଦ ଲୋହାର, ତରୁଣସେନ ନାୟକ ପ୍ରମୁଖ ଛାତ୍ରନେତା ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ; ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପରାଧୀନ ଭାରତବର୍ଷରେ ଛାତ୍ରଛାତ୍ରୀମାନଙ୍କର ନିଜସ୍ୱ ସଂଗ୍ରାମର ହତିଆର ଭାବରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନର ଦାବି ଉଠାଇଥିଲେ । ତାଙ୍କ ମତରେ ଛାତ୍ର ସଂସଦ ହେଉଛି ଛାତ୍ରଛାତ୍ରୀଙ୍କ ହାତରେ ଶିକ୍ଷାନୁଷ୍ଠାନ କ୍ୟାମ୍ପସ ତଥା ବୃହତ୍ତର ସମାଜରେ ହେଉଥିବା ଅନ୍ୟାୟ ଅବିଚାର ବିରୁଦ୍ଧରେ ଲଢିବାର ଏକ ହତିଆର। ମାତ୍ର ୨୦୧୮ ମସିହାରୁ ରାଜ୍ୟରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ନ୍ୟାୟସଂଗତ ଅଧିକାରରୁ ବଂଚିତ କରାଯାଇଛି। ସମଗ୍ର ଓଡିଶାରେ ଶିକ୍ଷାନୁଷ୍ଠାନରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ କରି ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପରିବର୍ତ୍ତେ ବିଦ୍ୟାଳୟକୁ ବନ୍ଦ କରି ଗରିବ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାର ସୁଯୋଗରୁ ବଂଚିତ କରାଯାଉଛି। ଏହି ପରିସ୍ଥିତିରେ ତୁରନ୍ତ ଉପରୋକ୍ତ ଦାବିଗୁଡିକୁ ପୂରଣ କରିବାପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି।

# ଏଆଇୟୁଟିୟୁସି ମୟୁରଭଞ୍ଜ ଜିଲ୍ଲା ସମ୍ମିଳନୀ




ଏଆଇୟୁଟିୟୁସି ମୟୁରଭଞ୍ଜ ଜିଲ୍ଲା ସମ୍ମିଳନୀ ଜୁଲାଇ ୨୦ ତାରିଖ ଦିନ ଯଶିପୁରସ୍ଥ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କମ୍ରେଡ ପ୍ରକାଶ କୁମାର ମଢେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ସଂଗଠିତ, ଅଣସଂଗଠିତ କ୍ଷେତ୍ର ଓ ସରକାରୀ ସ୍କିମରେ କାର୍ଯ୍ୟରତ ଶ୍ରମିକ-କର୍ମଚାରୀଙ୍କ ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ସଂପାଦକ ଦେବସନ ମୁର୍ମୁ ସାଙ୍ଗଠନିକ ବିବରଣୀ ଉପସ୍ଥାପନ କରିଥିଲେ। ବିଶିଷ୍ଟ ଶ୍ରମିକ ନେତା ସୁଶୀଲ ମହାକୁଡ ଜିଲ୍ଲାର ଶ୍ରମଜୀବୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉଲ୍ଲେଖ କରିଥିଲେ। ଏହି ସମ୍ମିଳନୀର ମୁଖ୍ୟବକ୍ତା ଭାବରେ ଏଆଇୟୁଟିୟୁସି ଓଡିଶା ରାଜ୍ୟ ସଭାପତି ତଥା ଯଶିପୁରର ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ ଯୋଗ ଦେଇଥିଲେ। କମ୍ରେଡ ନାଏକ ତାଙ୍କ ଅଭିଭାଷଣରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ସଚେତନ ସଙ୍ଗଠିତ ଶ୍ରମିକ ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ଜୟସେନ ମେହେର ସମ୍ମିଳନୀରେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କାମକରୁଥିବା ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ଶକ୍ତିଶାଳୀ ଆନ୍ଦୋଳନ ପରିଚାଳନା କରିବାପାଇଁ ଆହ୍ୱାନ କରିଥିଲେ। ଜିଲ୍ଲାରେ ଏଆଇୟୁଟିୟୁସି ନେତୃତ୍ୱରେ ଶ୍ରମିକ ଆନ୍ଦୋଳନକୁ ପରିଚାଳନା କରିବା ନିମନ୍ତେ ସୁଶୀଲ ମହାକୁଡ ସଭାପତି, ପ୍ରକାଶ କୁମାର ମଢେଇ ଉପସଭାପତି, ଦେବସନ ମୁର୍ମୁ ସମ୍ପାଦକ, ଅର୍ଜୁନ ମହାନ୍ତ ସହସମ୍ପାଦକ, ଶୈଳ କୁମାର ନାଏକ କୋଷାଧ୍ୟକ୍ଷ ଙ୍କ ସମେତ ଏକ ୧୫ ଜଣିଆ ମୟୁରଭଞ୍ଜ ଜିଲ୍ଲା କମିଟି ଏହି ସମ୍ମିଳନୀରେ ନିର୍ବାଚିତ ହୋଇଥିଲା।

## ଋଷିଆ-ୟୁକ୍ରେନ ଯୁଦ୍ଧରେ ଦୁଇଜଣ ଭାରତୀୟଙ୍କ ମୃତ୍ୟୁରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଉଦ୍‌ବେଗ

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସାଧାରଣ ସଂପାଦକ କମ୍ରେଡ ପ୍ରଭାସ ଘୋଷ ଏକ ବିବୃତ୍ତିରେ କହିଛନ୍ତି ଯେ-

କାମ କରିବାପାଇଁ ଋଷିଆ ଯାଇଥିଲେ ମଧ ପୁନର୍ବାର ଋଷିଆର ସେନାବାହିନୀରେ ସାମିଲ କରାଯାଇଥିବା ଦୁଇଜଣ ଭାରତୀୟ ଋଷିଆ ୟୁକ୍ରେନ ଯୁଦ୍ଧରେ ପ୍ରାଣ ହରାଇଛନ୍ତି। ବେକାରୀର ଜ୍ୱାଳାରେ ଜର୍ଜରିତ ବହୁ ଭାରତୀୟ ଯୁବକମାନଙ୍କୁ ଜାଲ ନିଯୁକ୍ତି ଏଜେଣ୍ଟମାନେ ଋଷିଆରେ ଭଲ ଦରମାରେ ଚାକିରିର ଲୋଭ ଦେଖାଇ ବିଦେଶକୁ ପଠାଉଛନ୍ତି।

ଭାରତର ଅସହାୟ ବେକାର ଯୁବକମାନଙ୍କୁ ଏହି ପରି ଭାବରେ ଶୋଷଣ କରୁଥିବା ଏବଂ ସେମାନଙ୍କୁ ମରିବାପାଇଁ ଯୁଦ୍ଧ ମୁହଁକୁ ଠେଲି ଦେଉଥିବା ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଏବଂ ସାମ୍ରାଜ୍ୟବାଦୀ ଋଷିଆ ସରକାରର ଅତ୍ୟାଚାରୀ ଓ ଅମାନବୀୟ ଭୂମିକାକୁ ଆମେ ଦୃଢଭାବରେ ନିନ୍ଦା କରୁଛୁ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das